# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

# ଭଦ୍ରକରେ ୮ ୯୨୪ ନୂତନ ଭୋଟର

ଭଦ୍ରକ,୫ ।୧(ସମିସ)





ଭଦ୍ରକ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟକ୍ରମରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗହଣରେ ତାଲିକା ପ୍ରକାଶ କରିଥିଲେ।

ଚିଠା ତାଲିକା ପ୍ରକାଶନ ବେଳେ ଭଦ୍ରକ ଜିଲ୍ଲାର ଭୋଟର ସଂଖ୍ୟା ୧୨,୫୫,୨୯୬ ଥିବା ବେଳେ ନୂଆ ତାଲିକାରେ ସମୁଦାୟ ଭୋଟର ସଂଖ୍ୟା ୧୨,୬୪,୨୨୦ ରହିଛି। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟର ସଂଖ୍ୟା ୬,୫୨,୭୨୧ ଏବଂ ମହିଳା ଭୋଟର ୬,୧୧,୩୪୮ ଅଛନ୍ତି। ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୧୫୧। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାରେ ୩୬,୪୩୬ ଜଣ ଭୋଟର ତାଲିକାରେ ଯୋଗ କରାଯାଇଥିବା ବେଳେ ୨୭,୩୩୪ ଜଣଙ୍କୁ ବାଦ୍ ଦିଆଯାଇଛି। ଚୂଡ଼ାନ୍ତ ତାଲିକାରେ ୧୮-୧୯ ବର୍ଷ ବୟସ ବର୍ଗର ଭୋଟର ସଂଖ୍ୟା ୨୫,୯୧୫, ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୮,୯୧୪; ବରିଷ୍ଠ ନାଗରିକ ତଥା ୮୦ ବର୍ଷ ଓ ତହିଁରୁ ଉର୍ଦ୍ଧ୍ୱ ଭୋଟର ସଂଖ୍ୟା ୩୧,୩୬୦, ସର୍ଭିସ୍ ଭୋଟର ୨୨୫୧ ଥିବା ସୂଚନା ପ୍ରଦାନ କରାଯାଇଛି। ୨୦୧୯ରେ ବୁଥ ସଂଖ୍ୟା ୧୨୯୨ ଥିବା ବେଳେ ୨୦୨୪ରେ ବୁଥ୍ ସଂଖ୍ୟା ୧୩୦୯ ହୋଇଛି।

- ସମୁଦାୟ ଭୋଟର ସଂଖ୍ୟା ୧୨,୬୪,୨୨୦
- ପୁରୁଷ ୬,୫୨, ୭୨୧; ମହିଳା ୬,୧୧,୩୪୮

ପୁରୁଷ ଓ ମହିଳା ଅନୁପାତରେ ମଧ୍ୟ ଉନ୍ନତି ଘଟିଛି। ୨୦୧୯ରେ ପ୍ରତି ହଜାରେ ପୁରୁଷ ଭୋଟରରେ ୯୧୩ ମହିଳା ଥିଲା ବେଳେ ୨୦୨୪ରେ ପ୍ରତି ହଜାରରେ ୯୩୭ ଜଣ ମହିଳା ଭୋଟର ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେବା ସହିତ ଜାନୁଆରୀ ୧୦ରୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ୪୯ ଦିନ ଧରି ଜିଲ୍ଲାର ସମସ୍ତ ବୁଥ୍‌ମାନଙ୍କରେ ଇଭିଏମ୍‌ରେ ମତଦାନ ପ୍ରକ୍ରିୟା ସମ୍ବନ୍ଧରେ ଭୋଟରମାନଙ୍କୁ ଦେଖାଯିବ ଓ ଶିକ୍ଷା ଦିଆଯିବ। ଏଥିପାଇଁ ପ୍ରତି ବ୍ଲକ୍ ନିମନ୍ତେ ଗୋଟିଏ ଲେଖାଏଁ ଇଭିଏମ୍ ଡେମନଷ୍ଟ୍ରେସନ୍ ଭ୍ୟାନ୍ ନିୟୋଜିତ କରାଯାଇଥିବା ବିଷୟରେ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ମନୋଜ ପାତ୍ର ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ବ୍ୟାଲଟ୍ ୟୁନିଟ୍ ୩୫୦୦, କଣ୍ଟ୍ରୋଲ ୟୁନିଟ୍ ୩୪୯୯ ଓ ଭିଭିପାଟ୍ ୩୭୦୦ଟି ପହଞ୍ଚି ଥିବା ସୂଚନା ଦେଇଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ସାଗରିକା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭାଗୀୟ କର୍ମଚାରୀ ନବୀନ ଚନ୍ଦ୍ର ସେନାପତି, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।

## ବରପଦା ଇଞ୍ଜିନିୟରିଂ କଲେଜ କର୍ମଚାରୀଙ୍କ ପରଲୋକ



**ଭଦ୍ରକ,୫ ।୧(ସମିସ):** ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ କର୍ମଚାରୀ ସପନ ରାଉତ(ଚିନୁ)ଙ୍କ ଭୋର ୪ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା ଓ ସେ ଗୁରୁତର ଭାବେ ଅସୁସ୍ଥ ହୋଇ ହାଇଦରାବାଦ ସ୍ଥିତ ଏଆଇଜି ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ ସପନଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମୃତ ସପନ ହେଉଛନ୍ତି ଭଦ୍ରକର ବିଶିଷ୍ଟ ସମାଜସେବୀ, ପ୍ରାକ୍ତନ ପାରିଷଦ ତଥା ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସମ୍ପାଦକ ସୁଧାକର ରାଉତଙ୍କ ବଡପୁଅ। ତାଙ୍କ ବିୟୋଗରେ ଆଜି ଭଦ୍ରକ ଟାଉନହଲ ଠାରେ ହେବାକୁ ଥିବା ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାକୁ ବାତିଲ କରାଯାଇଛି ।ଅନ୍ୟପକ୍ଷରେ ତ୍ୟାଗଭୂମିର ସବୁ କର୍ମକର୍ତ୍ତା ତାଙ୍କ ଶବ ସତ୍କାର କାର୍ଯ୍ୟକ୍ରମରେ ଯୋଗଦେବାକୁ ନିଷ୍ପତି ନେଇଥିବା ଜଣାଯାଇଛି । ଶନିବାର ତାଙ୍କ ମରଶରୀର ଭଦ୍ରକ ୩୦ନମ୍ବର ୱାର୍ଡ ବାଲିପାଟଣା ଗାଁକୁ ଅଣାଯାଇ ଶେଷକୃତ ସଂପନ୍ନ ହେବ ବୋଲି ଜଣାଯାଇଛି। ମୃତ ସପନଙ୍କ ଏକମାତ୍ର ପୁତ୍ର ଓ ପତ୍ନୀ ଅଛନ୍ତି ।

## ଆଦାନି ପକ୍ଷରୁ ୩ୟ ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା




**ଭଦ୍ରକ.୫ ।୧(ସମିସ):** ଆଦାନି ଧାମରା ପୋର୍ଟର ସାମାଜିକ ଦାୟିତ୍ୱବୋଧ ବିଭାଗ ଆଦାନି ଫାଉଣ୍ଡେସନ ପକ୍ଷରୁ ଦୋଳସାହି ସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୩ୟ ଆନ୍ତଃ ବିଦ୍ୟାଳୟ ବାଳିକା କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଧାମରା ପୋର୍ଟ ରେଳ କରିଡ଼ରର ୧୨ଟି ଉଚ୍ଚ ବିଦ୍ୟାଳୟର ୭୨ ଜଣ ଛାତ୍ରୀ ଅଂଶଗ୍ରହଣ କରି ୬ ଗୋଟି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଭଦ୍ରକ ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ମାନସ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ବିଜୟିନୀଙ୍କୁ ଅଚକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମରେନ୍ଦ୍ର ମିଶ୍ର, ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ତ୍ରିପାଠୀ, ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଏବଂ ଆଦାନି ଫାଉଣ୍ଡେସନର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଇଦ୍‌ଘା ନବକଳେବର କାର୍ଯ୍ୟର ଆରମ୍ଭ

**ଭଦ୍ରକ,୫ ।୧(ସମିସ):** ସଂଖ୍ୟାଲଘୁ ସମ୍ପ୍ରଦାୟର ପବିତ୍ର ଧାର୍ମପାଠ ଇଦ୍‌ଘାର ନବକଳେବର କାର୍ଯ୍ୟର ଆଜି ଶୁଭାରମ୍ଭ ହୋଇଛି । ପ୍ରଥମେ ଏହି ଶୁଭାରମ୍ଭ କାର୍ଯ୍ୟ ପରେ ଢଳେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଭଦ୍ରକ ମୁସଲିମ ଜମାତ ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ସାଧାରଣ ସମ୍ପାଦକ ଶେଖ ଏନାମ ମହମ୍ମଦ, ସମ୍ପାଦକ ସେଖ ସିରାଜୁଦ୍ଦିନ, ମହେବୁବ ଖାନ୍, ନଇମ ଅହେମଦ, ହଫିଜୁର ରହେମନ, ସେଖ ଜଲାଲ, ମିଡିଆ ସେଲ ସଂଯୋଜକ ଶେଖ ଅନୱାର(ବାବୁ) ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ, ଭଦ୍ରକ ସହର କଦମବେଡା ସ୍ଥିତ ପବିତ୍ର ଇଦ୍‌ଘାର ଉନ୍ନୟନମୂଳକ କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକ ୧କୋଟି ଟଙ୍କାର ଅନୁଦାନ ଯୋଗାଇଥିଲେ। ଏହି ଅନୁଦାନ ରାଶିରେ ଇଦ୍‌ଘାର ନବ କଳେବର କାର୍ଯ୍ୟ ଆଜି ଶୁଭାରମ୍ଭ ହୋଇଛି।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଭଦ୍ରକ,୫।୧(ସମିସ):** ଆଗାମୀ ୭୫ତମ ସାଧାରଣତନ୍ତ୍ର ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମର ଆବାହକ ତଥା ସଂଯୋଜକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ବିବରଣୀ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପରିଷଦ ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ମନୋଜ ପାତ୍ର, ସିଟିଡିଏସ୍‌ପି. ଅଂଶୁମାନ ଦ୍ୱିବେଦୀ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଜାନୁଆରୀ ୧୮ ରୁ ୨୦ ୯ ମଧ୍ୟରେ ଇଂରାଜୀ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ, ଚିତ୍ରାଙ୍କନ, କ୍ୱିଜ୍ ଆଦି ପ୍ରତିଯୋଗିତା ଆୟୋଜନ ନେଇ ସିଦ୍ଧାନ୍ତ ନିଆଯାଇଛି। ସେହିପରି ପ୍ୟାରେଡ଼ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପୂର୍ବରୁ ପ୍ରତିଯୋଗିତା ଆୟୋଜନ ଜରିଆରେ ସର୍ବାଧିକ ୩ଟି ସାଂସ୍କୃତିକ ଦଳ ଚୟନ କରାଯିବ। ଉତ୍ସବ ପାଳନ ଦିନ ପ୍ରାତଃ କାଳରୁ ରାମଧୂନ ପରିକ୍ରମା କରାଯିବ। ଭଦ୍ରକ ସହର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ବର୍ଣ୍ଣାଢ୍ୟ ପରିବେଶରେ ପାଳନ କରାଯିବ। ସକାଳ ଘ ୮.୩୦ମିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତୋଳନ କରାଯାଇ ପ୍ୟାରେଡ଼ କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବ ପାଳନ ଦିନ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ଜିଲ୍ଲା ସଂସ୍କୃତି ଭବନରେ ଚାରୁ ଓ କାରୁ କଳା ମହାବିଦ୍ୟାଳୟ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବା ନେଇ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି।

## ଧାନମଣ୍ଡି ଖୋଲିଲା

**ଧାମନଗର,୫ ।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ସେବା ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମବାୟ ସମିତି ପରିଚାଳନା ପରିଷଦର ସଭାନେତ୍ରୀ ଭାରତୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦକ ଅରୁଣୋଦୟ ପାତ୍ର, ଦଇପୁର, କଲ୍ୟାଣୀ ପଞ୍ଚାୟତର ସରପଞ୍ଚ, ଚୁଡ଼ାକୁଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖଙ୍କ ସମେତ ବିବିସିସି ବ୍ୟାଙ୍କର ପୂର୍ବତନ ସମ୍ପାଦକ ଅଶ୍ୱିନୀ ନାୟକ, ଧାମନଗର ଶାଖା ପରିଚାଳକ ଧନୁର୍ଦ୍ଧର ସାହୁ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ କମିଟିର ସଭ୍ୟ ନରେନ୍ଦ୍ର କୁମାର ଦାସ, ପ୍ରହଲ୍ଲାଦ ବେହେରା, ସୁବାସ ଚନ୍ଦ୍ର ବାରିକ, ରମାକାନ୍ତ ସାହୁ, ଚକ୍ରଧର ଗୋଛାୟତଙ୍କ ସମେତ ବରିଷ୍ଠ ଚାଷୀ ଦାମୋଦର ମଲ୍ଲିକ, ନରେନ୍ଦ୍ର ମଲ୍ଲିକଙ୍କ ସହ ମହିଳା ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମିତିର ସମସ୍ତ କର୍ମ.ରୀ ଉପସ୍ଥିତ ସହ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମିତିରେ ୭୫୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକୃତ କରିଥିବା ବେଳେ ଏଫଏକ୍ୟୁମାନର ଧାନ କ୍ୟୁଣ୍ଟାଲ ପ୍ରତି ୨୧୮୩ ଟଙ୍କା ସରକାରୀ ଧାର୍ଯ୍ୟ ଦରରେ କ୍ରୟ କରାଯିବା ବୋଲି ସମ୍ପାଦକ ଶ୍ରୀ ପାତ୍ରର ସୂଚନା ଦେଇଥିଲେ। ଏହି ମଣ୍ଡିରୁ ଧାନ କ୍ରୟ ପାଇଁ ମା' ଓ ପଦ୍ମନାଭ ଏବଂ ଏଜିଏନ୍ ରାଇସ ମିଲ ସ୍ୱୀକୃତି ପ୍ରଦାନ କରିଥିବା ଜଣାଯାଇଛି । ସମିତିର କର୍ମଚାରୀ ଦିଲ୍ଲୀପ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' କାଳିତ୍ରା ପୀଠ ପୂଜାରିଣୀଙ୍କ ସ୍ମୃତିସଭା

**ଭଦ୍ରକ,୫।୧(ସମିସ):** ଭଦ୍ରକ ବ୍ଲକ ବହୁଦରଡ଼ା ଜାତୀୟରାଜପଥ ସନ୍ନିକଟ ପ୍ରସିଦ୍ଧ ଦେବୀପୀଠ ମା' କାଳିତ୍ରୀ ପୀଠରେ ବର୍ଷୀୟାନ ପୂଜାରିଣୀ (ପୂଜକ) କମଳା ସାମଲଙ୍କ ଏକାଦଶାହ ସ୍ମୃତିସଭା ଆଜି ପୀଠ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଯୋଗ ଦେଇ ଶ୍ରୀମତୀ ସାମଲଙ୍କ ସ୍ମୃତିଚାରଣ କରିବା ସହିତ ସେ ଜଣେ ପରମ ସାଧିକା, ଆଧ୍ୟାତ୍ମବାଦୀ ଏବଂ ମିଷ୍ଟଭାଷିଣୀ ମହିଳା ଥିଲେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଧାୟକଙ୍କ ସହ ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଯୁବନେତା ପ୍ରବୀର ଜେନା, ଅନିରୁଦ୍ଧ ଜେନା, ମାନସ ସାମଲ, ମାୟାଧର ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ବିକାଶ ସାମଲ, ଅରୁଣ ବାରିକ, ରମାକାନ୍ତ ପଣ୍ଡା, ରାଜୁ ସେଠୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ ବନ୍ଧୁ ମିଳନ



**ଭଦ୍ରକ,୫।୧(ସମିସ):** ରାମଚନ୍ଦ୍ର ବିହାରୀଲାଲ ଉଚ୍ଚ ବିଦ୍ୟାଳୟ ୧୯୮୧ ବ୍ୟାଚ୍ ଛାତ୍ର କମିଟିର ଆବାହକ ସଞ୍ଜୟ ତ୍ରିପାଠୀଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁ ମିଳନ ଉତ୍ସବ ହଦଗଡ଼ଠାରେ ଅନୁଷ୍ଠିତ ହୋଇ ଯାଇଛି। ବନ୍ଧୁ ମିଳନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସହଯୋଗ, ସଦ୍‌ଭାବନା ଓ ଆନ୍ତରିକତା ଦୀର୍ଘ ସ୍ଥାୟୀ ହେବାର ଯୋଜନା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆବାହକ ସଞ୍ଜୟ ତ୍ରିପାଠୀ, ପୂର୍ବତନ ବିଧାୟକ ନରେନ ପଲାଇଙ୍କ ସମେତ ପ୍ରମୋଦ ଲାଖାନୀ, ଅଶୋକ ଲାଖାନୀ, ରତନ ଗୁପ୍ତା ଓ ବୁଲୁ ମହାନ୍ତି ପରିଚାଳନା କରିଥିଲେ। ଗଡ଼ଚଣ୍ଡୀ ମନ୍ଦିର ଦର୍ଶନ ସହିତ ହଦଗଡ଼ରେ ଏକ ବଣଭୋଜୀ ଆୟୋଜନ କରାଯାଇଥିଲା। ସମସ୍ତ ବନ୍ଧୁମାନେ ସେମାନଙ୍କ ପତ୍ନୀମାନଙ୍କୁ ମନୋରଞ୍ଜନ ପାଇଁ ବିଭିନ୍ନ କୌତୁକପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିରେ ବନ୍ଧୁ କୁଞ୍ଜ ପଲାଇ, ଶଙ୍କର ଧଳ, ଶଶୀ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମହାନ୍ତି, ଅକ୍ଷୟ ଦାସ, ପ୍ରଭାକର ଦାସ, ଅଜୟ ନାୟକ, ମନୋଜ ଦାସ, ବ୍ରିଜ୍ ବିହାରୀ ଶର୍ମା, ସତ୍ୟ ପ୍ରକାଶ ମହାପାତ୍ର, କମଳା ନାୟକ, କାଳନ୍ଦୀ ନାୟକ, ନରେନ୍ଦ୍ର ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଆବାସ ପାଇଁ ଚିଠି ଲେଖିଲେ ୩ ମହିଳା

**ଅସୁରାଳି,୫ ।୧(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଦୀନ ଦରିଦ୍ର ଶାନ୍ତିଲତା ସେଠୀ, ସତ୍ୟଭାମା ସେଠୀ, ବାସନ୍ତୀ ସେଠୀ ପ୍ରମୁଖ ପ୍ରକୃତ ହିତାଧିକାରୀ ହୋଇଥିଲେ ବି ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେମାନେ ଭଙ୍ଗା .ଳ ଘର ଜରି ପାଲ ତଳେ ଜୀବନ ବିତାଉଛନ୍ତି । ବାରମ୍ବାର ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇଥିଲେ ବି ଆବାସ ଖଣ୍ଡେ ମିଳି ପାରୁନି। ସବୁଆଡୁ ନିରାଶ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି ଶାନ୍ତିଲତା, ବାସନ୍ତୀ, ସତ୍ୟଭାମା। ସେମାନଙ୍କ କହିବାନୁଯାୟୀ, ଆବାସ ଖଣ୍ଡେ ପାଇଁ ୨୦ ବର୍ଷ ପୂର୍ବେ ଏମାନଙ୍କ ସ୍ୱାମୀଙ୍କ ନାମରେ ୨୨ ହଜାର ଲେଖାଏଁ ଟଙ୍କା ପାଇଥିଲେ। ମାତ୍ର ନିଅଣ୍ଟିଆ ଅବସ୍ଥା ଯୋଗୁଁ ଘର ହୋଇ ପାରି ନଥିଲା । ସେଥିପାଇଁ ଏମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଏବଂ ଘର ଖଣ୍ଡିଏ ପାଇଲେ ସେମାନେ ଉପକୃତ ହେବେ ବୋଲି ମତ ପୋଷଣ କରିଛନ୍ତି।

## ଦକ୍ଷତାବୃଦ୍ଧି ତାଲିମ ଶିବିର

**ମଞ୍ଜୁରୀରୋଡ,୫ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମହୁରା ସ୍ଥିତ ଧାମନଗର କୃଷି ଜିଲ୍ଲା କାର୍ଯ୍ୟାଳୟ ଠାରେ କ୍ଷେତ୍ର ସମ୍ପ୍ରସାରଣ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଶ୍ରଦ୍ଧେୟକୁମାର ମହାନ୍ତି, ମୃତ୍ତିକା ସଂରକ୍ଷଣ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ ବିଶେଷ କରି .ଷ ସମ୍ବନ୍ଧୀୟ ଉନ୍ନତ ଜ୍ଞାନ କୌଶଳ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବନ୍ତ, ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ଗ୍ରାମ୍ୟ କୃଷି କର୍ମ.ରୀ, କୃଷକ ସାଥି, ଏଟିଏମ, ବିଟିଏମ ପ୍ରମୁଖ ତାଲିମ ଗ୍ରହଣ କରିଥିଲେ।

## ସମବାୟ ସମିତି ଧାନ ମଣ୍ଡି ଉଦ୍‌ଘାଟିତ

**ମଞ୍ଜୁରୀରୋଡ,୫ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ ସ୍ଥିତ ନାରାୟଣପୁର ପ୍ରାଥମିକ ସମବାୟ ସମିତି ଠାରେ ଖରିଫ ଧାନକ୍ରୟ ପାଇଁ ଆଜି ମଣ୍ଡି ଉଦଘାଟିତ ହୋଇଯାଇଛି। ସମିତି ସମ୍ପାଦକ ସୁମନ୍ତ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ,ବିବିସିସି ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମବାୟ ସମିତି ସଭାପତି ଜୟନ୍ତ ସାହୁ ପ୍ରମୁଖ ଯୋଗଦେଇ ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ କରିଥିଲେ। ଏହାଛଡା ସରକାରଙ୍କ ନୀତି ନିୟମ ଅନୁଯାୟୀ ନିର୍ଦ୍ଧାରିତ ଦିନ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ଉପସ୍ଥିତ .ଷୀ ମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପରି.ଳନା କମିଟିର ସଦସ୍ୟ ସୁଦର୍ଶନ ରାଉତ, ଜୟନ୍ତୀ ସାମଲ, ରମାକାନ୍ତ ଜେନା, ଚାଷୀ କମିଟି ସଭାପତି ବେଣୁଧର ସାହୁ, ପ୍ରଭାକର ସେନାପତି, ଦିଲ୍ଲୀପ ରାଉତ, ଚନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମିତି କର୍ମ.ରୀ ସୁଧାକର ନାୟକ ଧନ୍ୟବାଦ ଦେଇଥିଲେ।

## ଦଳାଙ୍ଗିରେ ଖୋଲିଲା ଧାନମଣ୍ଡି

**ଦୋବଲ,୫ ।୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ସେବା ସମବାୟ ସମିତିରେ ସରକାରୀ ଧାନମଣ୍ଡି ଆଜି ଖୋଲିଲା। ରାଜ୍ୟ ଯୋଗାଣ ଓ ସମବାୟ ବିଭାଗ ନିର୍ଦ୍ଦେଶରେ ଚାଷୀମାନଙ୍କ ଅମଳ ଖରିଫ ଧାନ ଉଚିତ ତଥା ସରକାରୀ ଧାର୍ଯ୍ୟ ଦରରେ କିଣିବା ପାଇଁ ଏହି ଧାନ କ୍ରୟ କେନ୍ଦ୍ରର ଉଦଘାଟନ ହୋଇଯାଇଛି। ସମବାୟ ସମିତି ପରି.ଳନା ପରିଷଦର ସଭାପତି ସଞ୍ଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦିକା ସ୍ୱାଗତିକା ରାଉତ ଚାଷୀଙ୍କୁ ଧାନକିଣା ବାବଦରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ .ଷୀ କମିଟିର ସଭ୍ୟ ରଘୁନାଥ କର, ନିତ୍ୟାନନ୍ଦ ରାଉତ, ଭୈରବ ପ୍ରଧାନ, ହୃଦାନନ୍ଦ ଜେନା, ଅକ୍ଷୟ ନାୟକ, ରମେଶ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସମିତିର ସମସ୍ତ କର୍ମ.ରୀ ଭାଗିରଥୀ ବଳ, ସନ୍ତୋଷ ପାତ୍ର,ଭାଗବତ ନାୟକ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମିତିରେ ୪୮୬ ଜଣ .ଷୀ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଛନ୍ତି।

## ଧୂଷୁରୀରେ ଖୋଲିଲା ଧାନ ମଣ୍ଡି

**ଅସୁରାଳି,୫ ।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ସେବା ସମବାୟ ସମିତିରେ ଶୁକ୍ରବାର ପୂର୍ବାହ୍ନରେ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଯୋଗଦେଇଥିବା ବେଳେ ଡାକ୍ତର ସଞ୍ଜୟ ଦାସ, ଭଟସାହି ସରପଞ୍ଚ ସୀତାକାନ୍ତ ମିଶ୍ର, ଯୁବନେତା ରାଜ କିଶୋର ପଲେଇ, ସମ୍ପାଦକ ରଞ୍ଜନ ମାଝୀ, ସମବାୟ ସମିତି ର ସମସ୍ତ ବୋର୍ଡ ମେମ୍ବର ତଥା ସୁଶାନ୍ତ ମଲ୍ଲିକ, ହରିହର ବେହେରା ଓ ଦୟାନିଧି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯିବ ବୋଲି ସମ୍ପାଦକ ରଞ୍ଜନ ମାଝୀ ଘୋଷଣା କରିଥିଲେ।

## ଧାମନଗର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଧାମନଗର,୫ ।୧(ସମିସ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳନ ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ ଆୟୋଜିତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତିଥି ଭାବେ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ, ବରେଣ୍ୟ ଅତିଥି ଭାବେ ପରି.ଳନା କମିଟିର ସଭାପତି ପ୍ରହଲ୍ଲାଦ ମହାପାତ୍ର, ଉପସଭାପତି ଭାବେ ରିହାନା ଖାତୁନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ତଥା ସାମ୍ବାଦିକ ସେକ ଜାଫର ଅଲ୍ଲୀ, ଶିକ୍ଷକ ସମୀର ଗୋସ୍ୱାମୀ ଯୋଗଦେଇ ପତାକା ଉତ୍ତୋଳନ କରି ଖେଳର ଶୁଭ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ପାଠ ପଢିବା ସହ କ୍ରୀଡ଼ା ଦ୍ୱାରା ସ୍ୱାସ୍ଥ୍ୟ ଠିକ ରହିବା ସହ ନିଜର ଭବିଷ୍ୟତ ଗଢିବା ନେଇ ପ୍ରତିଯୋଗିତାକୁ ବକ୍ତବ୍ୟ ଦେଇଥିଲେ। ପରେ ଖେଳ ଶିକ୍ଷକ ସନାତନ ସାହୁ କ୍ରୀଡ଼ା ପ୍ରତିଯୋଗିତାରେ ପରି.ଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ବଟକୃଷ୍ଣ ପଣ୍ଡା,ପ୍ରମୋଦ ଦାସ, ଅଭିମନ୍ୟୁ ଶଙ୍ଖୁଆ, ପ୍ରାଣବନ୍ଧୁ ନାୟକ ଶେଖ ମହମ୍ମଦ ହନିଫ, ଶୁଭମ ମଲ୍ଲିକ, ଶକ୍ତିରଞ୍ଜନ ହୁମ, ସସ୍ମିତା ଦାସ, ପୂର୍ଣ୍ଣିମା ଲେଙ୍କା ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପ୍ରାଣବନ୍ଧୁ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭଦ୍ରକ ସାଂସ୍କୃତିକ ମହୋତ୍ସବର ୨ୟ ସନ୍ଧ୍ୟା

# ଏମ୍‌ଏମ୍ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର

ଭଦ୍ରକ,୫ ।୧(ସମିସ)




ଭଦ୍ରକ ଭାଇଚାରାର ସହର ଭାବେ ଜଣାଶୁଣା। କେବଳ ଓଡ଼ିଶାରେ ନୁହେଁ ଦେଶରେ ମଧ୍ୟ ଅନନ୍ୟ ପରିଚୟ ସୃଷ୍ଟି କରିଛି ଭଦ୍ରକ ସହର। ଜାତୀୟ ସ୍ୱାଧୀନତା ସଂଗ୍ରାମ, ଓଡ଼ିଶା ତଥା ଭାରତର ରାଜନୀତି, ସାହିତ୍ୟ, ସଂସ୍କୃତି, ନାଟକ, କଳା, ବାଣିଜ୍ୟ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଅବଦାନ ଅତୁଳନୀୟ ଅଟେ। ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ପରି ଭଦ୍ରକର ବହୁ ସାରସ୍ୱତ ସାଧକମାନଙ୍କ ପରିଚୟ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହର ଗାନ୍ଧୀପଡିଆ ଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଟ୍ରଷ୍ଟ ଦ୍ୱାରା ଆୟୋଜିତ ତଥା ସଂଜୀବ ହିରୋ ଦ୍ୱାରା ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ର ସଭାପତି ରବିନାରାୟଣ ଖିଲାରଙ୍କ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥ ଭାବେ ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ ସ୍ୱାଗତ ଭାଷଣ, କଣ୍ଠଶିଳ୍ପୀ ଶଶୀକଳା ମିଶ, ଶୁଭସ୍ମିତା ରାଉତ,ସୀତାକାନ୍ତ ପାଢୀ, ସାଂସ୍କୃତିକ ସଂପାଦକ ରାମନାରାୟଣ ମହାନ୍ତି ପ୍ରମୁଖ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ବେଦପାଠ କରିଥିଲେ ଶିକ୍ଷୟତ୍ରୀ ମନୋରମା ରାୟ ଓ ଧନ୍ୟବାଦ ଅର୍ପଣ କରଥିଠଲେ କମିଟିର ସଂପାଦକ ଆଶିଷ ଅମିତାଭ ମହାପାତ୍ର। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସଦସ୍ୟ ତେଜସ୍ୱନୀ ଦାସ, ସସ୍ମିତା ବଳ , ଆବାହକ ଅବିନାଶ ପଣ୍ଡା, ଶୁଭଦୀପ ମଲ୍ଲିକ, ଶଙ୍କର୍ଷଣ ରାଓ, ଶାନ୍ତନୁ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଏମ୍‌ଏମ ଡ୍ୟାନ୍ସ ଗ୍ରୁପର ମୁଖ୍ୟ ଦେବସ୍ମିତା ହୋତାଙ୍କ ନେତୃତ୍ୱରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରବେଷଣ କରାଯାଇଥିଲା। ଏହା ଦର୍ଶକଙ୍କୁ ବିଭୋର କରିଥିଲା।

ସକାଳ THE SAKALA



# ଏପାଖେ ଶ୍ମଶାନ-ସେପାଖେ ଅଳିଆଗଦା, ମଝିରେ ସେଲ୍‌ଫିପଏଣ୍ଟ

■ ଡମ୍ପିଂୟାର୍ଡକୁ ଲାଗି ଖୋଲିଛି ମୁକ୍ତାକାଶ ଜିମ୍
■ ଦୁର୍ଗନ୍ଧରେ ନାକ ଟେକୁଛନ୍ତି ଲୋକେ
■ ଠିକାଦାରଙ୍କୁ ପୋଷିବାକୁ ମ୍ୟୁନିସିପାଲିଟିର ଯୋଜନା

ଜଗତସିଂହପୁର,୫।୧(ସମିସ): ଜଗତସିଂହପୁର ମ୍ୟୁନିସପାଲିଟି ପ୍ରଶାସନର ବିଚିତ୍ର ନୀତି ଦେଖିବାକୁ ମିଳିଛି। ସହରର ଦୁର୍ଗନ୍ଧମୟ ଡମ୍ପିଂୟାର୍ଡକୁ ଲାଗି ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମୁକ୍ତାକାଶ ଜିମ୍ ନିର୍ମାଣ କରାଯାଇଥିବାବେଳେ ଏବେ ଏହି ଡମ୍ପିଂୟାର୍ଡର ଅଳିଆ ଗଦା ପାହାଡ ନିକଟରେ ସେଲ୍‌ଫି ପଏଣ୍ଟ ଖୋଲାଯାଇଛି। ଯାହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।



ଏପରି କରି ମ୍ୟୁନିସିପାଲିଟି କେବଳ ଠିକାଦାର ପୋଷିବା ହିଁ ସାର ହେଉଛି। ତେବେ କେଉଁ ଉଦ୍ଦେଶ୍ୟରେ ଓ କାହା ନିର୍ଦ୍ଦେଶରେ ପୌରପ୍ରଶାସନ ସରକାରୀ ଅର୍ଥକୁ ଏପରି ଅପବ୍ୟୟ କରୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସହରର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ଦୃଷ୍ଟିଦେଇ ଜନ ବସତିଠାରୁ ଅତିକମରେ ଅଧା କିଲୋମିଟର ଦୂରରେ ଡମ୍ପିଂୟାର୍ଡ କରାଯିବାକୁ ପ୍ରସ୍ତାବ ଥିବାବେଳେ ସହରର କଲେଜ ଛକ ନିକଟରେ ଏହାକୁ ନିର୍ମାଣ କରାଯାଇଛି। ତେବେ ଏହି ଡ୍ରମ୍ପିଂୟାର୍ଡର ଶହେ ମିଟର ମଧ୍ୟରେ ମା' ତାରାଦେବୀ ମନ୍ଦିର, ଗଣେଶ ମନ୍ଦିର ଓ ମା' ଶ୍ମଶାନକାଳୀ ମନ୍ଦିର ରହିଛି। ଏହି ତିନିଟି ମନ୍ଦିର ବ୍ୟତୀତ ଡମ୍ପିଂୟାର୍ଡର ଅତି ନିକଟରେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟଓ ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ଏହାର ଅତି ନିକଟରେ ରହିଛି। ସେହିପରି ଏହାର ନିକଟରେ ଜଗତସିଂହପୁର ଶିଶୁଆଶ୍ରମ ରହିଛି।





ଶ୍ମଶାନକୁ ଆସୁଥିବା ଶବଦାହକଙ୍କ ପାଇଁ ମଧ୍ୟ ଏଠାରେ ବିଶ୍ରାମଗୃହ ରହିଛି।

ଡମ୍ପିଂୟାର୍ଡ ନିକଟରେ ଉପଯୁକ୍ତ ବିନିଯୋଗ ଅଭାବରୁ ପହାଡ ଭଳି ଅଜୈବିକ ଅଳିଆ ଯଥା ପଲିଥିନ୍, ପ୍ଲାଷ୍ଟିକ ଇତ୍ୟାଦି ଗଦା ହୋଇ ରହିଛି। ସେହିପରି ଅଳିଆ ଆବର୍ଜନାର ପଚା ଗନ୍ଧରେ ସ୍ଥାନୀୟ ଅଞ୍ଚଳ ଫାଟି ପଡୁଛି। ତେବେ ଏହି ପରିବେଶ ମଧ୍ୟରେ ଡମ୍ପିଂୟାର୍ଡକୁ ଲାଗି ଏକ ମୁକ୍ତାକାଶ ଜିମ୍ ନିର୍ମାଣ କରାଯାଇଛି। ଏଠାକାର ଦୁର୍ଗନ୍ଧ ପରିବେଶ ପାଇଁ ଏହି ମୁକ୍ତାକାଶ ଜିମକୁ ସହରବାସୀ ପ୍ରତ୍ୟାଖାନ କରିଥିବାବେଳେ, ପୁଣି ଏହି ଅଳିଆଗଦା ନିକଟରେ ଏବେ ସେଲ୍‌ଫି ପଏଣ୍ଟଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଇଛି। ତେବେ ପୂର୍ବରୁ ମୁକ୍ତାକାଶ ଜିମ୍ ଓ ପରେ ସେଲଫି ପଏଣ୍ଟ ପାଇଁ କିପରି ଏହି ଜାଗାକୁ ଚିହ୍ନଟ କରାଗଲା ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଚିନ୍ତା ନକରି ଯେଉଁଠି ନାହିଁ ସେଇଠି ମ୍ୟୁନିସପାଲିଟି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ପ୍ରକଳ୍ପ କରାଯିବାକୁ ସହରର ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ନାପସନ୍ଦ କରିବା ସହିତ ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୫।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ସେବା ମଞ୍ଚ ପକ୍ଷରୁ ଖଡ଼ିଅଙ୍ଗ ମେଡିକାଲ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସନ୍ନିକଟରେ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଗୋପାଳ ଚରଣ ମହାପାତ୍ରଙ୍କ ନେତୃତ୍ୱରେ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ୧୪ତମ ଶ୍ରାଦ୍ଧାବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦିନେଶରାଜ ସିଂହ, ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ଅନନ୍ତ କର, ରମେଶ ଥାଟୋଇ, ମାନସ ଦାସ, ସାହେବ ସାହିଲ ରାଉତ, ସୁରେନ୍ଦ୍ର ନାଥ ବେହେରା, ମାନସ କୁମାର ସାହୁ, ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ସରୋଜ ରଣା, ତ୍ରିଲୋଚନ ବିଶ୍ୱାଳ, ହାଡ଼ିବନ୍ଧୁ ବେହେରା, ବିଜୟ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



## ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ନେଇ ଶ୍ରମ ସଂସ୍ଥାପକଙ୍କୁ ଭେଟିଲେ ଶ୍ରମିକନେତା ଅଶୋକ

ତେରାବିଶ,୫।୧ (ସମିସ): ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଶ୍ରମ ସଂସ୍ଥାପକଙ୍କୁ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଭେଟି ଆଲୋଚନା କରିଛନ୍ତି। ତେରାବିଶ ବ୍ଲକ ଗୁଆଁଳସିଂ ପଞ୍ଚାୟତ ଅନ୍ତର୍ଗତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରୀ ତ୍ରିପାଠୀ ଶ୍ରମ ସଂସ୍ଥାପକ ପ୍ରଦୀପ ମହାନ୍ତିଙ୍କୁ ଭେଟି ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ୬ ତାରିଖରେ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଶ୍ରୀ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଶ୍ରମ ସଂସ୍ଥାପକଙ୍କୁ ଭେଟି ଆଲୋଚନା କରି କେତେକାଂଶରେ ସଫଳ ହୋଇଥିଲେ। ଏହି ଆଲୋଚନାରେ ଡିଏଲଓ ଅଶୋକ ମୁର୍ମୁ, ଶ୍ରୀ ତ୍ରିପାଠୀ, ନିତ୍ୟାନନ୍ଦ ସାମଲ, ପ୍ରଦିପ୍ତ ସାମଲ, କାର୍ତ୍ତିକ ବେହେରା, ଦ୍ୱିତୀ ରଞ୍ଜନ ପଣ୍ଡା, ବିଟୁ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

● ନୂଆବର୍ଷରେ ଶାଢ଼ି ଉପହାରକୁ ନେଇ ଚର୍ଚ୍ଚା

## ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଚଳଚଞ୍ଚଳ

ରାଜକନିକା,୫।୧(ସମିସ): ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ନୂଆବର୍ଷରେ ଦାମୀ ଶାଢ଼ୀ ଉପହାର ଭେଟିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫଳରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଏବେ ମୂଳ ଉଦ୍ଦେଶ୍ୟରୁ ଦୂରେଇ ରହି ଉପହାର ସଂଗ୍ରହ କରିବା ପଛରେ ଲାଗି ପଡିଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି କାର୍ଯ୍ୟାଳୟ ଅଧିନରେ ସମୁଦାୟ ୯ଟି ସେକ୍ଟର ରହିଥିବା ବେଳେ ୨୧୫ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେକ୍ଟର ସୁପରଭାଇଜରମାନେ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରର ତଦାରଖ କରିବାର ନିୟମ ରହିଛି। ସୁପରଭାଇଜରମାନେ କିନ୍ତୁ କେନ୍ଦ୍ରମାନଙ୍କୁ ନ ଯାଇ କାର୍ଯ୍ୟାଳୟରେ ବସିରହି ନୂଆବର୍ଷର ଉପହାର ପାଇଁ କର୍ମୀମାନଙ୍କୁ ଚାପ ପକାଉଛନ୍ତି ବୋଲି ନାମ ପ୍ରକାଶ ନ କରି ବହୁ ଅଙ୍ଗନବାଡ଼ି କର୍ମୀଅଭିଯୋଗ କରିଛନ୍ତି। ଏମିତିକି ଶାଢ଼ୀର କ୍ୱାଲିଟି ଆଉ ଦାମ୍‌କୁ ନେଇ ମଧ୍ୟ କମ୍ପ୍ରୋମାଇଜ୍ କରାଯିବ ନାହିଁ ବୋଲି ରୋକ୍ ଠୋକ୍ ଠୋକ୍ କହିଲା ପରେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। କେତେକ ମହିଳା ସୁପରଭାଇଜର ଆଗରୁ ବିଭିନ୍ନ ସେକ୍ଟରରେ ଶାଢି ଗୋଟାଇ ଅଭ୍ୟସ୍ତ ଥିବା ବେଳେ ଏବେ ମଧ୍ୟ କାର୍ଯ୍ୟାଳୟର କାମକୁ ପଛରେ ପକାଇ ଶାଢ଼ି ଆଦାୟ କରିବାରେ ଲାଗି ପଡ଼ିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେଉଁ ସୁପରଭାଇଜର କେତେ ଦାମୀ ଶାଢ଼ୀ ସଂଗ୍ରହ କରି ପାରିବେ ତାହାକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ଲାଗି ଯାଇଛି। ଏଥିରୁ ବି କାର୍ଯ୍ୟାଳୟର ଅଧିକାରୀ ବାଦ୍ ପଡି ନାହାନ୍ତି ବୋଲି ଅଭିଯୋଗ ହୋଇଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ୫।୧ (ସମିସ): ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ଜଗତସିଂହପୁର ଆନୁକୂଲ୍ୟରେ ପାରାଦ୍ୱୀପ ଦୋଛକି ନିକଟରେ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଛି।ଏହି ସଡ଼କ ସୁରକ୍ଷା ଜନିତ ଜନ ସଚେତନତା କାର୍ଯ୍ୟକ୍ରମ ଓ ଜନ ସଚେତନ ଶୋଭାଯାତ୍ରା ସମାଜସେବୀ ଡଃ ସୁନାକର ବେହେରାଙ୍କ ସଂଯୋଜନାରେ ଆୟୋଜିତ କରାଯାଇଥିଲା। ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲା ଶାଖା ଜଗତସିଂହପୁର ଓ କୁଜଙ୍ଗ ବ୍ଲକ ଶାଖାର ମିଳିତ ସହଯୋଗରେ ଡ୍ରାଇଭରମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇ ଏକ ଜନ ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲା। ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଶେଷରେ ଦୋଛକି ଠାରେ ଏକ ସଭା ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରତ୍ୟେକ ଦିନ ଘଟୁଥିବା ସଡ଼କ ଦୁର୍ଘଟଣା କୁ ଏଡାଇବା ନିମନ୍ତେ ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ଡଃ ବେହେରା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଡ୍ରାଇଭର ମହାସଂଘ ବ୍ଲକ ସଭାପତି ସନ୍ତୋଷ କୁମାର ସାହୁ ସଭାପତିତ୍ୱକରି ସଭା ପରିଚାଳନା କରିଥିଲେ।ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜଗତସିଂହପୁର ଜିଲ୍ଲା ଟ୍ରାଫିକ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେବା ସହିତ ମୁଖ୍ୟବକ୍ତାଭାବେ ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ ଓ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲା ଉପଦେଷ୍ଟା ଜଗବନ୍ଧୁ ସାମଲ ,ଜିଲ୍ଲା ସମ୍ପାଦକ ଚନ୍ଦ୍ରକାନ୍ତ ଦାସ, ବ୍ଲକ କୋଷାଧକ୍ଷ ମଳୟ ରଞ୍ଜନ ସୁତାର, ସମ୍ପାଦକ ଅରୁଣ କୁମାର ପଣ୍ଡା ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଭାଷଣରେ ସଡ଼କ ଦୁର୍ଘଟଣାକୁ କିପରି ପ୍ରତିହତ କରି ପାରିବା ସେ ଦିଗରେ ସରକାରଙ୍କ ବିଭିନ୍ନ ନୀତିନିୟମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଲକ ଥାନାର ପୋଲିସ ଅଧିକାରୀ ବୃନ୍ଦ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଭାଇ ଭଉଣୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।



## ପାଣିପାଗଭିତ୍ତିକ କୃଷି ପରାମର୍ଶ ସେବା ସମ୍ବନ୍ଧୀୟ କୃଷକ ସଚେତନତା

ଜଗତସିଂହପୁର,୫।୧(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଗ୍ରାମୀଣ କୃଷି ମୌସୁମ ସେବା ଓ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ମିଳିତ ଆନୁକୁଲ୍ୟରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଅଚ୍ୟୁତଦାସପୁର ଗ୍ରାମରେ ପାଣିପାଗ ଭିତ୍ତିକ କୃଷି ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼. ଜୀବନଜିତ୍ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡ. ସଞ୍ଜୀବ ଦ୍ୱିବେଦୀ ଯୋଗଦେଇ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଦିଆଯାଇଥିବା ପାଣିପାଗ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟାର ଆଗୁଆ ସୂଚନା କିପରି ପାଇ ପାରିବେ ଏବଂ ସେହି ଅନୁସାରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଓୟୁଏଟି କୃଷି ପାଣିପାଗ ପ୍ରକଳ୍ପର ମୁଖ୍ୟ ଡ଼. ତୁଷାର ରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କୃଷି ତଥା ଆଗୁଆ ପାଣିପାଗ ସୂଚନା ଅନୁଯାୟୀ ଦିଆଯାଇଥିବା କୃଷି ପରାମର୍ଶକୁ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ବୈଜ୍ଞାନିକ ଦେବାଶିଷ ପଣ୍ଡା ଜଳବାୟୁ ପରିବର୍ତ୍ତନରେ ଫସଲର ରୋଗ ପୋକ ନିୟନ୍ତ୍ରଣ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଡ଼. ପ୍ରଦୀପ୍ତ ମାଝୀ ମୃତ୍ତିକା ପରିଚାଳନା, ପ୍ରାକୃତିକ କୃଷି ବିଷୟରେ ଆଲୋଚନା କରିଥିଲେ। ଜିକେଏମ୍‌ଏସ୍ ର ବିଶେଷଜ୍ଞ ଚିନ୍ମୟକୁମାର ସାହୁ,କନିଷ୍ଠ ପାଣିପାଗ ବିଶେଷଜ୍ଞ, ଗୋରୀଶଙ୍କର ପାଣିଗ୍ରାହୀ କୃଷି ପାଣିପାଗ ନିରୀକ୍ଷକ, ତିଳୋତ୍ତମା ନାଗ ସହଯୋଗୀ ନିକ୍ରା ପ୍ରକଳ୍ପ ଏବଂ ରଶ୍ମୀ ରଞ୍ଜନ ବେହେରା କୃଷି ପାଣିପାଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡ଼. ଦ୍ୱାରିକା ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶିପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ମାର୍ଶାଘାଇ,୫।୧(ସମିସ): ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତରଆଦର୍ଶପଞ୍ଚାୟତଉଚ୍ଚବିଦ୍ୟାଳୟଓପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ୨୪ ତମ ବାର୍ଷିକ କ୍ରୀଡ଼ା ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡ଼ାର ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବରେ ମାର୍ଶାଘାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସ୍ୱାଇଁ, ମୁଖ୍ୟ ବକ୍ତା ଅନିତା ବେହେରା,ଏବିଓ ସୁଶାନ୍ତ କୁମାର ବେଉରା, ଏବଂ ସମ୍ମାନିତ ଅତିଥି ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ସିଆରସିସି. ନିରଞ୍ଜନ ରାଉତ , ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପରିଡ଼ା, ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ମାଝୀ,ବିକ୍ରମ ସ୍ୱାଇଁ, ଅକ୍ଷୟ କୁମାର ରାଉତ,ପ୍ରଭାତ କୁମାର ପ୍ରଧାନ, ବସନ୍ତ ଦାସ, ଜଗବନ୍ଧୁ ମାଝି ଉପସ୍ଥିତ ରହିଥିଲେ ।ଏହି ବାର୍ଷିକ କ୍ରୀଡ଼ାକୁ ପରିଚାଳନା କରିଥିଲେ ଖେଳ ଶିକ୍ଷକ କ୍ଷୀରୋଦ କୁମାର ରାଉଳ।ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଲମ୍ବା ଡିଆଁ, ଉଚ୍ଚ ଡିଆଁ, ୧୦୦/୨୦୦ ମିଟର ଦୌଡ଼, ଭଳି ବହୁ ପ୍ରତିଯୋଗିତା ହୋଇଥିଲା।

## ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ପାରାଦୀପ, ୫।୧ (ସମିସ) : ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନା ସୃଷ୍ଟି କରିବା ନିମନ୍ତେ ଜାନୁୟାରୀ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଆଂଚଳିକ ପରିବହନ ଅଧିକାରୀ କଟକ ଓ ଜଗତସିଂହପୁରଙ୍କ ମିଳିତ ସହଯୋଗରେ ଏହି ରଥ କେନ୍ଦ୍ରାପଡା, ଜଗତସିଂହପୁର ଓ କଟକ ଜିଲ୍ଲା ପରିକ୍ରମା କରିବ। ଏହି ଅବସରରେ ଗୁରୁବାର ଦିନ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ ପତାକା ଦେଖାଇ ଏହି ସଡକ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଆଂଚଳିକ ପରିବହନ ଅଧିକାରୀ କଟକ ଓ ଜଗତସିଂହପୁରଙ୍କ ସମେତ ଇଫକୋର ବରିଷ୍ଠ ପ୍ରବନ୍ଧକ ପି.ଏସ୍. ନୀଳାମ୍ବରନ୍, ମହାପ୍ରବନ୍ଧକ (ଇପିସି ଓ ସୁରକ୍ଷା) ଆର.କେ.ପାଣ୍ଡେ, ଯୁଗ୍ମ ପ୍ରବନ୍ଧକ କେ.ମୋହନ ରାଓ, ଯୁଗ୍ମ ପ୍ରବନ୍ଧକ (ଇପିସି ଓ ସୁରକ୍ଷା) ଆର.କେ.ସ୍ୱାଇଁ, ମାନବ ସମ୍ବଳ ମୁଖ୍ୟପ୍ରବନ୍ଧକ ବି.କେ.ପରିଡା, ଇଫକୋ ଅଫିସର୍ସ ଆସୋସିଏସନ ସଭାପତି ଦେବାଶିଷ ମହାନ୍ତି, ସାଧାରଣ ସମ୍ପାଦକ ସୁବାଶିଷ ମିଶ୍ର, ଇଫକୋ କର୍ମଚାରୀ ସଂଘ ସଭାପତି ତୁଷାର ରଂଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ଆର.କେ. ଓଝାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ରୋଡ୍ ସୋକୁ ମାର୍ଗ ଦର୍ଶନ ଦେଇଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ଅଭୟ କୁମାର ଦାସ ଏବଂ ସହଯୋଗୀ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇଫକୋର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା।



## ବୀଣାପାଣି ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମହାକାଳପଡ଼ା,୫।୧(ସମିସ): ମହାକାଳପଡ଼ା ବ୍ଲକ ଗାୟସପୁରସ୍ଥିତ ବୀଣାପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଛି । ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର କୁମାର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରାଜଗଡ଼ ପଞ୍ଚାୟତର ସରପଞ୍ଚ ମମତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବା ସହିତ କ୍ରୀଡା, ସଂସ୍କୃତି ଏବଂ ନେତୃତ୍ୱର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ବେଶ ଉପଯୋଗୀ ସାଜିଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ସିଆରସିସି ଅଚ୍ୟୁତାନନ୍ଦ ପୃଷ୍ଟି, ଇଂରାଜୀ ଅଧ୍ୟାପକ ଅରବିନ୍ଦ ସୁତାର, ସମାଜବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ ।କ୍ରୀଡା ଶିକ୍ଷକ ପ୍ରକାଶ କୁମାର ମନ୍ତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ।





● ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ଜୟଦେବ ସ୍ପୋର୍ଟିଂ ବିଜୟୀ

ମାର୍ଶାଘାଇ,୫।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ପଡିଆରେ ୧୭ତମ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି ।ଉଦଘାଟନୀ ମ୍ୟାଚ ଭୁବନେଶ୍ୱର ଜୟଦେବ ସ୍ପୋର୍ଟିଂ ଏବଂ ଭଦ୍ରକ ୟୁନିକ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଭଦ୍ରକ ୟୁନିକ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ବସନ୍ତ ମାହାଳିକଙ୍କ ଉପଯୋଗୀ ୬୪ ବଲରେ ନିର୍ଦ୍ଧାରିତ ୨୫ ଓଭରରେ ୧୯୨ ରନ ସଂଗ୍ରହ କରିଥିଲା ।ଭୁବନେଶ୍ୱରର ଜୟଦେବ ସ୍ପୋର୍ଟିଂ ଦ୍ୱିତୀୟରେ ବ୍ୟାଟିଂ କରି ୨୦ ଓଭରରେ ୪ଉଇକେଟ ହରାଇ ୧୯୬ରନ କରି ବିଜୟୀ ହୋଇଥିଲା । ପୂର୍ବାହ୍ନରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲ୍ଲାପରିଷଦ ସଦସ୍ୟା ଦୁର୍ଗାବତୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ।ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା, କୁହୁଡି ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ଅଙ୍ଗୁଳାଇ ସମିତି ସଭ୍ୟା ତୁଳସୀ ମଲିକ, କବି ଭକ୍ତ ମଲ୍ଲ, ସମାଜସେବୀ ଗଙ୍ଗାଧର ପରିଡା, ଅଙ୍ଗୁଳାଇ ଗ୍ରାମ କମିଟି ସଭାପତି ଭାସ୍କର ନାୟକ, ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆମ୍ପାୟାର ଭାବେ ପ୍ଲାବନ ସ୍ୱାଇଁ, ଅମରେନ୍ଦ୍ର ବେହେରା, ସ୍କୋରର ଭାବେ ରଂଜନ ରାଉତ, ନାରାୟଣ ମଲିକ, ଘୋଷକ ଭାବେ ମାନସ ପଣ୍ଡା, ସନ୍ତୋଷ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ମାଧବାନନ୍ଦ ପାତ୍ର,ଜୟନ୍ତ ମଲ୍ଲିକ, ଅମରେଶ ପାତ୍ରଙ୍କ ସମେତ ଅଙ୍ଗୁଳାଇ ତାରିଣୀ ସ୍ପୋର୍ଟିଂ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

କେନ୍ଦ୍ରାପଡ଼ା ପୁସ୍ତକମେଳାର ଶେଷ ପ୍ରସ୍ତୁତି ବୈଠକ

# କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ ପାଇବେ କେମ୍ ଯୁବ ସାହିତ୍ୟ ପୁରସ୍କାର

କେନ୍ଦ୍ରାପଡ଼ା,୫।୧(ସମିସ): ଆସନ୍ତାକାଲିଠୁ ଆରମ୍ଭ ହେବ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା। ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଏକବିଂଶତମ କେନ୍ଦ୍ରାପଡା ପୁସ୍ତକ ମେଳାର ଶେଷ ପ୍ରସ୍ତୁତି ବୈଠକ ଉପଦେଷ୍ଟା ଡଃ ବିରଜା ରାଉତରାୟଙ୍କ ମାଧପୁରସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ସଭାପତି ଅକ୍ଷୟ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ୍‌ଙ୍କୁ ପୁସ୍ତକ ମେଳା "କେମ୍ ଯୁବ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବା ସହିତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ "କେମ ସେବା ସମ୍ମାନ' ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟଅବଦାନ ପାଇଁ ନିରଞ୍ଜନ ମେକାପଙ୍କୁ "କେମ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ଉପଦେଷ୍ଟା ଡଃ. ବିରଜା ରାଉତରାୟ ସୂଚନା ଦେଇଛନ୍ତି।

ଉକ୍ତ ମେଳାରେ ଜାତୀୟ ସ୍ତରୀୟ ଖ୍ୟାତନାମା ପୁସ୍ତକ ପ୍ରକାଶନ ସଂସ୍ଥା ସହିତ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶନ ସଂସ୍ଥା ଯୋଗ ଦେବେ ବୋଲି କେମ୍‌ର ସମ୍ପାଦକ ଜାହିଦ୍ ଖାଁ ପ୍ରକାଶ କରିଛନ୍ତି। ଏହି ପୁସ୍ତକ ମେଳାରେ ସବୁଦିନ ବିଶିଷ୍ଟ ସାହିତ୍ୟିକ, ଲେଖକ, ବୈଜ୍ଞାନିକ, ପରିବେଶବିତ୍ ଓ ପକ୍ଷୀ ବିଶାରଦ, ସଂସ୍କୃତି ପ୍ରେମୀ ଯୋଗଦେଇ ସେମାନଙ୍କ ମତାମତ ପ୍ରଦାନ କରିବେ ବୋଲି ବିଶିଷ୍ଟ କବି ନିରାକାର ଦାସ କହିଥିଲେ। ଚଳିତ ବର୍ଷ ଅନୁଷ୍ଠାନର ମୁଖପତ୍ର "କେନ୍ଦ୍ରାପଡ଼ା ପରିକ୍ରମାଦ'ରେ ଜୈବ ବିବିଧତା କ୍ଷେତ୍ରରେ ପ୍ରସିଦ୍ଧ ଆନ୍ତର୍ଜାତିକ ଅଭୟାରଣ୍ୟ ଭିତରକନିକା ଏହି ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ଏହା ଉପରେ ତଥ୍ୟଭିତ୍ତିକ ଗବେଷଣାଧର୍ମୀ ଆଲେଖ୍ୟ ସ୍ଥାନିତ ହୋଇଛି। ଏହାକୁ ଉଦ୍‌ଘାଟନୀ ଦିବସରେ ଲୋକାର୍ପିତ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶିବନାରାୟଣ ସାମଲ, ତାରିଣୀ ପାଟଯୋଶୀ, କ୍ଷୀରୋଦ କର, ବଂଶୀଧର ମହାନ୍ତି, ଦିଲ୍ଲୀପ ସାହୁ, ହିମାଂଶୁ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ଉମାକାନ୍ତ ଜେନା, ଅରୁଣ ସାହୁ, ସରୋଜକାନ୍ତ ସାହୁ, ପ୍ରଦ୍ୟୁମ୍ନ ବେହୁରା, ଲକ୍ଷ୍ମୀକାନ୍ତ ନାୟକ, ଶାନ୍ତନୁ ମଲ୍ଲିକ, ବିକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



# 'ଶ୍ରୀଜଗନ୍ନାଥ ସଂସ୍କୃତି ମାନବୀୟ ସଂସ୍କୃତିର ପ୍ରତିଷ୍ଠାତା'



**ଭଦ୍ରକ,୫ ।୧(ସମିସ):** ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ୨୪ତମ ପ୍ରତିଷ୍ଠା ସ୍ମାରକୀ ନେତ ଉଡାଣ ଉତ୍ସବ କୁଣ୍ଡିବାଗ ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ସାହୁ, ମୁଖ୍ୟବକ୍ତା ଭାବେ ଡ. କ୍ଷୀରୋଦ ସାମଲ, ସମ୍ମାନିତ ବକ୍ତା ଭାବେ ରତିକାନ୍ତ ମହାନ୍ତି ଓ ସମ୍ମାନିତ ଅତିଥି ଭାବରେ ରୂପକ ବିହାରୀ ରାୟ ପ୍ରମୁଖ ଯୋଗଦାନ କରି ଜଗନ୍ନାଥ ତତ୍ତ୍ୱ ଓ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଆବାହକ ବାବୁଲାଲ ଦାସ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସନାତନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେବକ କାହ୍ନୁଚରଣ ଦାସ ଓ ସହଧର୍ମୀଣୀ ମନୋରମା ଦାଶଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ରାମଚନ୍ଦ୍ର ଦାଶ ଅଧିକାରୀ, ଦାମୋଦର ଦାସ ଅଧିକାରୀ, ନିତ୍ୟାନନ୍ଦ ଦାସ, ବୃନ୍ଦାବନ ଦାସ, ରମାକାନ୍ତ ଲେଙ୍କା, ମନୋଜ ସାହୁ, ଦିବାକର ମଳିକ, ସୁରେନ୍ଦ୍ର ନାୟକ, ଶଶୀକାନ୍ତ ଗିରି ପ୍ରମୁଖଙ୍କ ନେତୃତ୍ୱରେ ଦିବ୍ୟ ଚେତନା ଅଭିଜାନ ସଂକୀର୍ତ୍ତନ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲେ । ଏଥିରେ ଭଦ୍ରକ ଜିଲ୍ଲାରୁ ପଞ୍ଚସଖା ସଂକୀର୍ତ୍ତନ ମଣ୍ଡଳୀ, ତିହିଡ଼ି ବ୍ଲକରୁ ବାଲୁକେଶ୍ୱର ମହିଳା ସଂକୀର୍ତ୍ତନ ମଣ୍ଡଳୀ, ମା ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ ମଙ୍ଗଳପୁର, ନିମାଦି ଦୁର୍ଗା ସଂକୀର୍ତ୍ତନ ମଣ୍ଡଳୀ ପୁତପାଳ, ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ, ତାଳପଦା, ଶ୍ରୀକ୍ଷେତ୍ରବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀ ଓ ବାଲେଶ୍ୱରରୁ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳ (ବି) ସହ ୭ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ପ୍ରବଚିକା ତପସ୍ୱିନୀ ପାଢୀ ଓ ବିଶ୍ୱମୈତ୍ରୀ ନାୟକ ଶ୍ରୀଜଗନ୍ନାଥ ତତ୍ତ୍ୱ ସଂପର୍କରେ ପ୍ରବଚନ ପରିବେଷଣ କରିଥିଲେ। ପ୍ରଚାର ସମିତି ପକ୍ଷରୁ ସମିତିର ଉପଦେଷ୍ଟା ବଳରାମ ମହାନ୍ତିଙ୍କୁ ବିଶ୍ୱାବସୁ, ତ୍ରିଲୋଚନ ପଣ୍ଡାଙ୍କୁ ଶ୍ରୀ ଜୟଦେବ, ସ୍ନେହାଶିଷ ପଣ୍ଡାଙ୍କୁ ବିଦ୍ୟାପତି ଉପନ୍ଦ୍ରେପ୍ରସାଦ ସାହୁଙ୍କୁ ବଡ଼ଦାଣ୍ଡ ସେବକ ଓ ସ୍ୱର୍ଗତ ନିଧିରାମ ବାରିକଙ୍କୁ ମରୋଣତ୍ତର ନୀଳଚକ୍ର ଉପାଧିରେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ସମିତିର ସହପରିଚାଳକ ସୁଦର୍ଶନ ପଣ୍ଡା, ବରିଷ୍ଠ ଉପଦେଷ୍ଟା ଶନେଇ ସିଥିଳ, ସନ୍ତୋଷ ଦାଶ, କାଶୀନାଥ ପଣ୍ଡା, ପ୍ରଶାନ୍ତ ଦେ, ଲକ୍ଷ୍ମୀଧର ଖଟୁଆ, ହରିହର ଦାସ, ବିଜୟ ବାରିକ, ବଳରାମ ମହାନ୍ତି, ଲକ୍ଷ୍ମୀଧର ଶତପଥୀ, ସଦାନନ୍ଦ ପାଣିଗ୍ରାହୀ, ବିକାଶଚନ୍ଦ୍ର ଶତପଥୀ, ଅର୍ଣ୍ଣପୂର୍ଣ୍ଣା ସାହୁ, ଅର୍ଣ୍ଣପୂର୍ଣ୍ଣ ଦାଶ ପ୍ରମୁଖ ବହୁ ସେବକ, ସେବିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନବୀନ କାର୍ଡ ପାଇଁ ବୁଲିଲା ସଚେତନତା ରଥ

## ୬ରୁ ପଞ୍ଜୀକରଣ ଆରମ୍ଭ, ୧୬ରେ ଶେଷ

**ଭଦ୍ରକ,୫।୧(ସମିସ)**



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତାଲିକାରୁ ବାଦ୍ ପଡ଼ିଥିବା ଏବଂ ଚାକିରିଆ, ପେନ୍ସନ୍‌ଭୋଗୀ ଏବଂ ଆୟକରଦାତା ହୋଇନଥିବା ଗ୍ରାମାଞ୍ଚଳର ସମସ୍ତ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ପ୍ରଚଳିତ ହେବାକୁ ଯାଉଥିବା ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ନାମ ପଞ୍ଜୀକରଣ ଉପଲକ୍ଷେ ସଚେତନତା ଉଦ୍ଦେଶ୍ୟରେ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଏଥିପାଇଁ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ପ୍ରତି ସିଏଚ୍‌ସି ଅନ୍ତର୍ଗତ ଅଞ୍ଚଳ ପାଇଁ ଗୋଟିଏ ଲେଖାଏଁ ରଥ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ ଜିଲ୍ଲାର ୭ଟି ବ୍ଲକ୍ ପାଇଁ ୭ଟି ସିଏଚ୍‌ସି ଦ୍ୱାରା ୭ଟି ରଥ ପ୍ରସ୍ତୁତ କରାଯାଇ ଡାକ୍ତର ପାତ୍ରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି । ରଥ ଗୁଡ଼ିକ ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ଏହି ନବୀନ କାର୍ଡର ସୁବିଧା ଉପଲବ୍ଧତା ବିଷୟରେ ପ୍ରଚାର ପ୍ରସାର କରିବେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭାରତୀ ରାଉତ ଓ ଅନ୍ୟ ଡାକ୍ତର ପାର୍ଥସାରଥି ମିଶ୍ର, ପୁତୁନୁ ହାସଦା, ଜପାମାଳି ସେଠୀ, ଗୟାଧର ମଲିକ୍ ଏବଂ ଆଶାମାନେ ଯୋଗ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅନିତା ରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟକି ଏହି କାର୍ଡ ପାଇଁ ଯୋଗ୍ୟ ହିତାଧିକାରୀମାନେ ଜାନୁୟାରୀ ୬ ତାରିଖରୁ ଜାନୁୟାରୀ ୧୬ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ନିଜେ କିମ୍ବା ଜନସେବାକେନ୍ଦ୍ର ଜରିଆରେ ଆବେଦନ କରିପାରିବେ । ଏହି କାଡର୍ ଜରିଆରେ ହିତାଧିକାରୀମାନଙ୍କୁ କିଡ଼୍‌ନି, ହାର୍ଟ, ବ୍ରେନ୍‌ଷ୍ଟ୍ରୋକ୍, ଲିଭର ଆଦି ଭଳି କ୍ରିଟିକାଲ୍ ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଇପାରିବେ । ବିଏସ୍‌କେୱାଇ କାଡର୍‌ଧାରୀମାନେ ନବୀନ କାଡର୍ ପାଇଁ ଆବେଦନ କରିବାର ଆବଶ୍ୟକତା ନାହିଁ । କେବଳ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ବର୍ତ୍ତମାନ ପାଇଁ ଏହି ସୁବିଧା ଉପଲବ୍ଧ ଅଛି । ଗୋଟିଏ ପରିବାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ସଦସ୍ୟ ଏହି କାଡର୍ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରିପାରିବେ ।

# ଧାମନଗରରୁ ତୀର୍ଥଯାତ୍ରାରେ ଗଲେ ୨୦ଜଣ

**ଧାମନଗର,୫ ।୧(ସମିସ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଧାମନଗର ବ୍ଲକରୁ ୨୦ଜଣ ବରିଷ୍ଠ ନାଗରିକ ମାନେ ମଧ୍ୟପ୍ରଦେଶର ଉଜ୍ଜୈୟନି, ଓଁମକାରେଶ୍ୱର ଅଭିମୁଖେ ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବିଡିଓ ବନବିହାରୀ ଦିନ୍ଦା, ବ୍ଲକ ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର ପୁହାଣ ଓ ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ଅରୁଣ ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକ ଓ ଗୁରୁଜନମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁସ୍ଥ,ସୁରକ୍ଷିତ ଓ ଆନନ୍ଦମୟ ଯାତ୍ରା କାମନା କରିଥିଲେ ।

# ମୁକ୍ତି ସଂଗ୍ରାମୀ ଗୌରାଙ୍ଗଚନ୍ଦ୍ରଙ୍କ ସ୍ମୃତି ସନ୍ଧ୍ୟା

**ଭଦ୍ରକ,୫ ।୧(ସମିସ):** ଗୌରାଙ୍ଗଚନ୍ଦ୍ର ଥିଲେ ବାସୁଦେବପୁର ଅଞ୍ଚଳର 'ଗାନ୍ଧୀ'। ପ୍ରଣମ୍ୟ ପୁରୁଷ ସଂଗ୍ରାମୀ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ୨୭ତମ ସ୍ମୃତି ସଂନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଭାଗବତ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କ୍ଷୀରୋଦ ସାମଲ, ମୁଖ୍ୟଅତିଥି ଭାବେ ଡ. ମନୋରମା ବିଶ୍ୱାଳ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆ, ବରେଣ୍ୟ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ଯୋଗଦେଇ ମୁକ୍ତି ସଂଗ୍ରାମରେ ଗୌରାଙ୍ଗଚନ୍ଦ୍ରଙ୍କ ଅବଦାନ ସଂପର୍କରେ ମତ ଦେଇଥିଲେ । ଅନୁଷ୍ଠାନର ସଂପାଦକ ରୂପକବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ । ମଦର୍ସ ଆବାସିକ ସ୍କୁଲ ସଂପାଦକ ସୁରେନ୍ଦ୍ର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହ ସଂପାଦକ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆବାହାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ସ୍ୱାଇଁଙ୍କୁ 'ଗୌରାଙ୍ଗଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦଚନ୍ଦ୍ର ଦାସ, ଉତ୍ପଳା ନାୟକ, ଚର୍ଚ୍ଚିକା ମହାପାତ୍ର, ଅବନୀ ପ୍ରଧାନ, ଚନ୍ଦନା ନାୟକ, ରମେଶ ଦାସ, ଅଂଶୁମାନ ଓ ଅରୂପାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଧର୍ମ ପରାୟଣ ମହିଳାଙ୍କ ପରଲୋକ

**ଅସୁରାଳି,୫ ।୧(ସମିସ):** ଧାମନଗର ବ୍ଲକ ବମକୁରା ପଞ୍ଚାୟତ ର ଧର୍ମପରାୟଣ ମହିଳା ସରସ୍ୱତୀ ପଲେଇ(୯୩)ଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ । ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣି ରେ ଶେଷକୃତ ସଂପନ୍ନ କରାଯାଇ ଥିଲା । ମୁଖାଗ୍ନି ଦେଇ ଥିଲେ ରବୀନ୍ଦ୍ର ନାଥ ପଲେଇ । ଏହି ଅନ୍ତ୍ୟୋଷ୍ଟି କ୍ରିୟାରେ ଯୋଗ ଦେଇଥିଲେ ଧାମନଗର ଯାଦବ ମହାସଭାର ସଭାପତି ଅବସର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ, ତାଙ୍କ ଝ୍ୱାଇଁ ତଥା ଯାଦବନେତା ସ୍ୱାସ୍ଥ୍ୟକର୍ମୀ ଦାଶରଥି ଦାସ, ସୀତାକାନ୍ତ ଖୁଣ୍ଟିଆ, ବରିଷ୍ଠ ଯାଦବ ନେତା ଶାନ୍ତନୁ ପଲେଇ, ଅନାଦି ପଲେଇ, ଅନିରୁଦ୍ଧ ପଲେଇ, ଯୁଧିଷ୍ଠିର ବାରିକ, ବନ୍ଧୁ ବର୍ଗ ଜ୍ଞାତି କୁଟୁମ୍ବ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଯାଦବ ମହାସଭା ସଭାପତି ନାଟ୍ୟକାର ସୁଧାଂଶୁ ନାୟକ, ଜିଲ୍ଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର, ଜିଲ୍ଲା ସମ୍ପାଦକ ସନ୍ତୋଷ ଦାସ, ଅନିଲ ବାରିକ, ରାଜ୍ୟ ସମ୍ପାଦକ ଅମର ନାୟକ, କୃଷ୍ଣଚନ୍ଦ୍ର ବେହେରା, ନିତ୍ୟାନନ୍ଦ ବେହେରା, ବାସନ୍ତୀ ପରିଡା ଓ ପିତାମ୍ବର ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ସ୍କାଉଟ ଟିମ୍‌କୁ ଅଭିନନ୍ଦନ ଜଣାଇଲେ ଜିଲ୍ଲା ଶିକ୍ଷାଧିକାରୀ



**ଭଦ୍ରକ,୫।୧(ସମିସ):** ଓଡିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍ ତରଫରୁ ଖୋର୍ଦ୍ଧା ବରୁଣେଇଠାରେ ରାଜ୍ୟସ୍ତରୀୟ ୫ଦିନିଆ ଜାମ୍ବୋରୀରେ ଭାଗ ନେଇ ଭଦ୍ରକ ଜିଲ୍ଲା କୃତିତ୍ୱ ହାସଲ କରିଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଅଭିନନ୍ଦନ ଜଣାଇଛନ୍ତି । ଜାମ୍ବୋରେଟ୍‌ରେ ଜୟକିଷାନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର, ଗୋପବନ୍ଧୁ ହାଇସ୍କୁଲ ହସନାବାଦ, ଓକରା ହାଇସ୍କୁଲ,ଏପିଏସ୍‌ପିଏସ କମାରିଆରୁ ୪୪ ସ୍କାଉଟ ଓ ୪୦ ଗାଇଡ଼ ବରୁଣେଇଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଭଦ୍ରକ ଜିଲ୍ଲାର ଛାତ୍ରଛାତ୍ରୀ ମାର୍ଚ୍ଚଫାଷ୍ଟ, ଯୋଗ, ଫିଜିକାଲ ଡିସପ୍ଲେ, ଫୋକଡ୍ୟାନ୍ସ, ଗାଁ ହାଟ, ଟେଷ୍ଟ ଅଫ ଓଡିଶା, ପିଜେଣ୍ଟ ଶୋ' ଭଳି ବିଭିନ୍ନ ପ୍ରତିଯୋଗିତାରେ ଅତ୍ୟନ୍ତ ସଫଳତାର ସହ ଭାଗନେଇ ଗାଁ ହାଟ, ଫୋକ ଡ୍ୟାନ୍ସରେ ୩ୟ ଓ ପିଜେଣ୍ଟ ଶୋ'ରେ ୨ୟ ସ୍ଥାନ ଅଧିକାର କରିଥିଲେ । ବ୍ୟକ୍ତିଗତ ଭାବରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଶାରଦା ବିଦ୍ୟାମନ୍ଦିର ଛାତ୍ରୀ ଅସୀମା ରାଉତ ସ୍ୱର୍ଣ୍ଣ ପଦକ, ଜୟକିଷାନ ହାଇସ୍କୁଲର ଛାତ୍ରୀ ଯମୁନା ସାହୁ, ଶୁଭମ ନାୟକ, ସଂପୂର୍ଣ୍ଣା ଆନନ୍ଦିତା ନାୟକ, ହସନାବାଦ ହାଇସ୍କୁଲର ଛାତ୍ର ରୂପେଶ ମହାନ୍ତି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅନନ୍ୟା ଲେଙ୍କା ରୌପ୍ୟ ପଦକ ପାଇଛନ୍ତି । ଏହିପରି ମୋଟ ୫ ଗୋଟି ସ୍ୱର୍ଣ୍ଣ ୧ ଟି ରୌପ୍ୟ ପାଇ ଜିଲ୍ଲା ପାଇଁ ଗର୍ବ ଆଣିଥିଲେ । ଆଜି ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଜିଲ୍ଲା ସ୍କାଉଟର ସମ୍ପାଦକ ଡ.ମାୟାଧର ସାହୁ, କମିଶନର ଅକ୍ଷୟ ହୋତା ପ୍ରମୁଖ ନେତୃତ୍ୱ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରଥିବା ବେଳେ ଅତିରିକ୍ତ ଶିକ୍ଷଧିକାରୀ ଦୀପକ କୁମାର ପାଢ଼ୀ, ପ୍ରଣୟ ସାହୁ ମଧ୍ୟ ବଧେଇ ଜଣାଇଛନ୍ତି ।

# ଗୁଜିଦରଡ଼ା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା

**ଭଦ୍ରକ,୫ ।୧(ସମିସ):** ଗୁଜିଦରଡା ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇଂ.ଏମ୍‌ଡି ଫରହତ ଆଲମ ଖାଁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ସେକ ଅବଦୁଲ ରଜାକ ଯୋଗଦେଇଥିଲେ । ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଇଫତେଖାର ଅଲ୍ଲୀ ଅହେମଦ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ନଜିମ ସୁଲତାନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ରଶ୍ମି ରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ସ୍ମିତା ଚୌଧୁରୀ, ବିଜୟଲକ୍ଷ୍ମୀ ମହାନ୍ତି, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ବିଜୟ ଲକ୍ଷ୍ମୀସ୍ୱାଇଁ, ନଜମା ଖାତୁନ, ମନିଷା ଦାସ, ପ୍ରତିମା ଦାଶ, ବିଲକିଶ ବାନୁ,ସାହେରା ଖାତୁନ୍, ଅର୍ଚ୍ଚନା ସାହୁ, ଶିକ୍ଷକ ରମେଶ ସଏ, ଶେଖ ଅଜମଲ ହୁସେନ ଖାଁ, ଗଜମଫର ଅଲ୍ଲୀ ପ୍ରମୁଖ ବି.ରକ ଭାବେ କାର୍ଯ୍ୟ କରିଥିଲେ । ଏଥିରେ ୮୦ ଗୋଟି ବିଭାଗ ରେ ଖେଳ ହୋଇଥିଲା । କ୍ରୀଡ଼ା ଶିକ୍ଷୟିତ୍ରୀ ନଜିମ ସୁଲତାନା ତଦାରଖ କରି ଥିଲେ ।

# ଅଟଳବିହାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉଦ୍‌ଘାଟିତ



**ବାସୁଦେବପୁର,୫ ।୧(ସମିସ):** ବାସୁଦେବପୁରର ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଟଳବିହାରୀ ଉଚ୍ଚ ବିଦ୍ୟାଳୟରେ ପ୍ଲାଟିନମ ଜୁବୁଲି ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଅଟଳବିହାରୀ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରା ଯାଇଥିଲା । ଏହି ଅବସରରେ ଆଜି ସନ୍ଧ୍ୟାର ରାଷ୍ଟ୍ରୀୟ ସ୍କାରକୀ ନିଧିର ଅଧ୍ୟକ୍ଷ କିଶୋର କୁମାର ବାସା ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଗବେଷକ ଗଣେଶ୍ୱର ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବେହେରା, ଜୟନ୍ତି ପାଳନ କମିଟିର ସମ୍ପାଦକ କିଶୋର ମହାପାତ୍ର, ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ ପ୍ରମୁଖ ଯୋଗଦେଇଥିଲେ । ପୂର୍ବତନ ଛାତ୍ର ସଂସଦ ଓ ଜୟନ୍ତୀ ପାଳନ କମିଟିର ସଭାପତି ଦୁଃଶାସନ ରାଉତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ଛାତ୍ର ଗୋପାଳ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ଛାତ୍ର ଭାଗୀରଥି ପଲେଇ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପୂର୍ବତନ ଛାତ୍ର ବନମାଳୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହିତ ଏହି ଶିକ୍ଷାନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ରାଉତ, ଦୁଃଶାସନ ରାଉତ,ସୁଧାଂଶୁ ଶେଖର ମିଶ୍ର, ଯାମିନୀ ପାଢୀ, ସୁଧାକର ସନ୍ଧିବିଗ୍ରହ, ଚନ୍ଦ୍ରକାନ୍ତ ପାଢୀ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନ ପ୍ରଦାନ କରା ଯାଇଥିଲା । ଶେଷରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମଣିଶଙ୍କର ସେବା ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ତିହିଡି,୫ ।୧(ସମିସ):** ତିହିଡି କାଳୀପଡିଆରେ ପୁରୁଣା ବର୍ଷରୁ ନୂଆ ବର୍ଷ ଯାଏଁ ୫ଦିନ ଧରି ମଣିଶଙ୍କର ସେବା ସଙ୍ଗଠନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜନେତା, କବି, ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ, ଗୀତିକାର, ଚଳଚ୍ଚିତ୍ର ଅଭିନେତା, ସଙ୍ଗୀତକାର, ହାସ୍ୟ ଅଭିନେତା ପ୍ରମୁଖ ଯୋଗ ଦେଇ ୫ଦିନ ଦିନ ଧରି ଲକ୍ଷାଧିକ ଲୋକଙ୍କ ମନୋରଞ୍ଜନ କରିଥିଲେ । ଉଦଘାଟନୀ ଦିନ ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ସୋମନାଥ ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ନୂଆବର୍ଷରେ ରଘୁନାଥ ପାତ୍ର, ବିପିନ ପତି, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ଥାନୀୟ ପ୍ରତିଭାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଏବଂ ବାଦ ପାଲା କରାଯାଇଥିଲା । ସେହିଭଳି ୩ୟ ଦିନ କାର୍ଯ୍ୟକ୍ରମରେ ତିହିଡି ବିଡିଓ ଜ୍ୟୋତିର୍ମୟ କର, ଲେଖକ ଯଦୁମଣି ପାଣିଗ୍ରାହୀ, ରାଧାବଲ୍ଲଭ ନାଥ, କୃପାସିନ୍ଧୁ ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଓଡିଆ ସିନେ ଜଗତର କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ । ସେହିପରି ୪ର୍ଥ ଦିନରେ ବାବା ଆଖଣ୍ଡଳମଣିଙ୍କ ସେବାୟତ ଏବଂ ଡା. ଚିତ୍ତରଞ୍ଜନ ଜେନା ଯୋଗ ଦେଇଥିବା ବେଳେ କଣ୍ଢେଇ ନାଚ ସହ ସ୍ଥାନୀୟ ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା । ଉଦଯାପନୀ ଉତ୍ସବରେ ଆଇନଜୀବୀ ରଞ୍ଜନ ନାୟକ, ପ୍ରାକ୍ତନ ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନା, ଲେଖକ ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିବା ବେଳେ ଓଡିଆ ହାସ୍ୟ ଅଭିନେତା ପପୁ ପମ୍ ପମ୍, ଓଡିଆ ହିରୋ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ବୁଲବୁଲି ନାୟିକା ନିଲାକ୍ଷୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଗୀତିକାର ପଞ୍ଚାନନ ନାୟକ । ସମସ୍ତ କାର୍ଯ୍ୟକ୍ରମର ପୁରୋଧା ଥିଲେ ସୁମନ୍ତ ମହାନ୍ତି । ମଣିଶଙ୍କର ସେବା ସଙ୍ଗଠନର ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମନ୍ଦିରରେ ହଜିଥିବା ସୁନାଚେନ ଫେରିପାଇଲେ ଭକ୍ତ



**ଆରଡି,୫ ।୧(ସମିସ):** ଆରଡିପୀଠ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ପାଇଁ ଆସି ହଜିଥିବା ସୁନା ଚେନ୍‌କୁ ଫେରିପାଇଛନ୍ତି ଭକ୍ତ । ଗତ ଗୁରୁବାର କେନ୍ଦ୍ରାପଡା ଆଳି ଅଞ୍ଚଳରୁ ଭକ୍ତ ପୀତାମ୍ବର ଷଡ଼ଙ୍ଗୀ ଓ ତାଙ୍କ ସ୍ତ୍ରୀ ଦମୟନ୍ତୀ ଷଡ଼ଙ୍ଗୀ ବାବାଙ୍କ ଦର୍ଶନ ସାରିବା ପରେ ମନ୍ଦିର ବେଢ଼ା ବୁଲିଥିବା ବେଳେ ଦମୟନ୍ତୀଙ୍କ ବେକରେ ପିନ୍ଧିଥିବା ସୁନାଚେନ ମିଳିନଥିଲା । ବହୁ ଖୋଜାଖୋଜି କରିବା ସହ ମନ୍ଦିରରେ ଥିବା ସୂଚନାକେନ୍ଦ୍ର ଦ୍ୱାରା ଡାକବାଜି ଯନ୍ତ୍ରରେ ଜଣାଇଥିଲେ ମଧ୍ୟ ପାଇନଥିଲେ । ନିରାଶ ହୋଇ ଫେରିବା ସହ ଆରଡ଼ି ଫାଣ୍ଡିରେ ଅଭିଯୋଗ କରିଥିଲେ । ଆରଡ଼ିଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ ଓ ମନ୍ଦିରର ସେବାୟତ ମନ୍ଦିର କାର୍ଯ୍ୟାଳୟରେ ଥିବା ସିସି କ୍ୟାମେରାକୁ ଯାଞ୍ଚ କରି ଜଣେ ଭକ୍ତ ସୁନାଚେନ୍ ନେଇଥିବା ଜାଣିବାକୁ ପାଇଥିଲେ । ବାସୁଦେବପୁର ବ୍ଲକ ଚୁଡାମୁଣି ଅଞ୍ଚଳର ବୁଲିବାକୁ ଆସିଥିବା ଭାଇଭଉଣୀ ପାଇଥିବା ଚେନ ଶୁକ୍ରବାର ଆରଡ଼ିରେ ପହଞ୍ଚି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ଉପସ୍ଥିତରେ ଫେରସ୍ତ କରିଥିଲେ । ଯାହାକୁ ନେଇ ମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଶୁକ୍ରବାର ହଜେଇ ଦେଇଥିବା ଭକ୍ତ ଆରଡ଼ିପୀଠକୁ ଆସି ସୁନାଚେନ୍ ଫେରି ପାଇଥିଲେ ।

## ଦୈସିଂ ପଞ୍ଚାୟତରେ ଆବାସ ଦୁର୍ନୀତି ପ୍ରସଙ୍ଗ

# ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

**ଭଦ୍ରକ,୫ ।୧(ସମିସ)**

ଭଦ୍ରକ ବ୍ଲକ ଅନ୍ତର୍ଗତ ଦୈସିଂ ପଞ୍ଚାୟତରେ ବାସଗୃହ ଯୋଜନାରେ ବ୍ୟାପକ ଅନିୟମିତତା ଓ ଅର୍ଥ ଆତ୍ମସାତ ଘଟଣାରେ ଲୋକାୟୁକ୍ତ ନିଜର ତଦନ୍ତକାରୀ ସଂସ୍ଥାକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୈସିଂ ଗ୍ରାମ ପଞ୍ଚାୟତରେ ୪ ଜଣ ଭୂତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରିବା, ଆଦୌ କୋଠା ଘର ନିର୍ମାଣ କରିନଥିବା ବେଳେ ୬ ଜଣ ହିତାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବା, ୪ ଜଣ ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ସରକାରୀ ଅନୁଦାନ ପ୍ରଦାନ କରିବା ସହ୨ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ଗୃହ ପ୍ରଦାନ କରାଯାଇଥିବା ଦର୍ଶାଇ ସାମାଜିକ କର୍ମୀ ହିମାଂଶୁଶେଖର ନାୟକ ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ଉକ୍ତ ଅଭିଯୋଗକୁ ଗ୍ରହଣ କରିବା ସହ ମାମଲା ନମ୍ବର-୨୦୨/୨୦୨୩ ରେ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧିଙ୍କୁ ପକ୍ଷଭୁକ୍ତ କରିଥିଲେ । ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ବିଡିଓଙ୍କ ସମେତ ଅନ୍ୟ କର୍ମ.ଚାରୀମାନେ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ । ଏହି ତଦନ୍ତ ରିପୋର୍ଟ ବିପକ୍ଷରେ ଅଭିଯୋଗକାରୀ ଶ୍ରୀ ନାୟକ ପ୍ରଶ୍ନ ଉଠାଇବା ସହ ତିଲୋତ୍ତମା ମାଝୀ ନାମକ ଜନୈକ ହିତାଧିକାରୀଙ୍କ ସତ୍ୟପାଠ ପ୍ରଦାନ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ । ଗତ ନଭେମ୍ବର ୨୧ତାରିଖ ଶୁଣାଣି ବେଳେ ଲୋକାୟୁକ୍ତ ବିଡିଓଙ୍କ ତଦନ୍ତ ରିପୋର୍ଟ ସ୍ପଷ୍ଟ ନଥିବା ଏବଂ ଏଥିରୁ କିଛି ବୁଝା ପଡୁନଥିବା କଥା ଉଲ୍ଲେଖ କରି ବିଡିଓଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ତଦନ୍ତ ରିପୋର୍ଟ ସମ୍ପର୍କରେ ମତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ଦ୍ଦେଶକ୍ରମେ ଭଦ୍ରକ ବିଡିଓଙ୍କ ତରଫରୁ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ଦାସ ଜାନୁଆରୀ ୨ତାରିଖରେ ବ୍ୟକ୍ତିଗତ ଭାବେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ରଖିପାରିନଥିଲେ । ଶ୍ରୀ ନାୟକଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଲୋକାୟୁକ୍ତଙ୍କ ୨ ଜଣିଆ ଖଣ୍ଡପୀଠ ଉକ୍ତ ଦୈସିଂ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ନିଜସ୍ୱ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେବା ସହ ତଦନ୍ତ ସମୟରେ ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ର ଧାରା ୨୦(୨) କୁ ଅନୁପାଳନ କରିବା ନିମନ୍ତେ ଉଲ୍ଲେଖ କରିଛନ୍ତି । ଆସନ୍ତା ମାର୍ଚ୍ଚ ୧୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡିଛି ।

# ମଣ୍ଡିରୁ ଧାନ ଫେରାଇ ନେଲେ ଚାଷୀ

**ଚାନ୍ଦବାଲି,୫ ।୧(ସମିସ):** ଧାନ କିଣାର ପ୍ରଥମ ଦିନରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଧାନମଣ୍ଡିକୁ ଧାନ ଆଣି କିଛି ଲୋକ ଧାନ ଫେରାଇ ନେଇଥିବା ବେଳେ ଆଉ କିଛି ଚାଷୀ ଧାନ ମଣ୍ଡିରୁ ସିଧାସଳଖ ବେପାରୀମାନଙ୍କୁ କମ ଟଙ୍କାରେ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ତେବେ ଗତ ବୁଧବାର ଚଡ଼ଦିଆ ସେବା ସମବାୟ ସମିତିର ପ୍ରଥମ ପର୍ଯ୍ୟାୟରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୪ ଜଣ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ ମଧ୍ୟ ମିଳିଥିଲା । କିନ୍ତୁ କଟଣିଛଟଣି ବାବଦରେ କିଛି ସମାଧାନ ନହେବା କାରଣରୁ ଚାଷୀ ମାନେ ନିଜ ଧାନ ଫେରେଇ ନେଇଥିବା କହିଛନ୍ତି । ଏ ସମ୍ପର୍କରେ ସମବାୟ ସମିତିର ସମ୍ପାଦିକାଙ୍କୁ ପଚାରିବାରୁ ସେ କହିଛନ୍ତି ଧାନ କିଣିବା ପାଇଁ ଆମେ ପ୍ରସ୍ତୁତ ଥିବା ବେଳେ କଟଣିଛଟଣି ବାବଦରେ କିଛି ସମାଧାନ ହୋଇପାରିନଥିବା କାରଣରୁ ଚାଷୀ ସେମାନଙ୍କ ଧାନ ଫେରାଇ ନେଇଛନ୍ତି । ତେବେ ଧାନର ମାନ କମ



ଥିବା ବେଳେ ମିଲରମାନେ ସହଜରେ ଧାନ ନେଉନଥିବା ବେଳେ କଟଣିଛଟଣି ବାବଦରେ ଅଧିକ ଦାବି କରୁଛନ୍ତି । ତେବେ ବିଭିନ୍ନ ଦିଗକୁ ଲକ୍ଷକରି ଚାଷୀ ଓ ବୋର୍ଡ ମେମ୍ବରମାନେ ୫ ପ୍ରତିଶତ ଧାନ କାଟିବା ପାଇଁ କହୁଥିବା ବେଳେ ମିଲର କିନ୍ତୁ ଏଥିପ୍ରତି ରାଜି ହେଉନାହାନ୍ତି । ଯେଉଁଥି ପାଇଁ ଏଭଳି ସମସ୍ୟା ହେଉଥିବା କହିଛନ୍ତି ସମ୍ପାଦିକା । ଅନ୍ୟପଟେ କିଛି ଚାଷୀ ଅଭିଯୋଗ କରିଛନ୍ତି ଯେ ଚଳିତ ବର୍ଷ ଧାନ କିଣା ବିଳମ୍ବ ହେବା କାରଣରୁ ମୁଣ୍ଡରୁ ଦଲାଲମାନଙ୍କୁ କମ ଟଙ୍କାରେ ଧାନ ବିକ୍ରି କରୁଛନ୍ତି । ଚାଷୀ ଧାନ ମଣ୍ଡି ଖୋଲୁ ଖୋଲୁ ଏବେ ମିଲର ମାନେ ଯେଉଁଭଳି ଜୁଲମ ଆରମ୍ଭ କରିଲେଣି, ଏଥିରେ ବାହାରେ ଧାନ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି ଚାଷୀ । ତେବେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ମିଲରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ଦାବି କରିଛନ୍ତି ।

## ବାଲେଶ୍ୱରରୁ ଗଡ଼ିଲା ସ୍ୱତନ୍ତ୍ର ଭାରତ ଗୌରବ ରେଳ

# ତୀର୍ଥଯାତ୍ରାରେ ଗଲେ ୯୭୦ ବରିଷ୍ଠ ନାଗରିକ







**ବାଲେଶ୍ୱର, ୫।୧(ସମିସ)**

ବାଲେଶ୍ୱରରୁ ଶୁକ୍ରବାର ସ୍ୱତନ୍ତ୍ର ଭାରତ ଗୌରବ ରେଳ ଗଡ଼ିଛି। ରାଜ୍ୟ ସରକାରଙ୍କ ସହଯୋଗରେ ୯୭୦ ବରିଷ୍ଠ ନାଗରିକ ଏଥିରେ ତୀର୍ଥ ଯାତ୍ରାରେ ଯାଇଛନ୍ତି। ଏମାନେ ଉଜ୍ଜୈୟନ ଓ ଓଁକାରେଶ୍ୱର ଦର୍ଶନ କରିବେ। ବାଲେଶ୍ୱର ରେଳ ଷ୍ଟେସନରୁ ଶୁକ୍ରବାର ୧୨ଟା ୪୦ରେ ଏହି ସ୍ୱତନ୍ତ୍ର ରେଳ ବାହାରିଛି। ଏଥିରେ ବାଲେଶ୍ୱରର ୨୨୬, ଭଦ୍ରକର ୧୪୬, ମୟୂରଭଞ୍ଜର୨୪୫, କେନ୍ଦୁଝରର ୧୭୫ ଓ ଯାଜପୁରର୧୭୮ଜଣ ବରିଷ୍ଠ ତୀର୍ଥଯାତ୍ରୀ ରହିଛନ୍ତି। ଏମାନଙ୍କ ଯତ୍ନ, ସୁରକ୍ଷା ତଥା ସହଯୋଗ ଲାଗି ୩୦ଜଣ ଅଧିକାରୀ ଏହି ତୀର୍ଥ ଯାତ୍ରାରେ ସାମିଲ ହୋଇଛନ୍ତି।

ଏହି ତୀର୍ଥଯାତ୍ରା ପାଇଁ ଚୟନ ହୋଇଥିବା ଯାତ୍ରୀମାନେ ଗୁରୁବାର ଜିଲ୍ଲା ପ୍ରଶାସନ ସହଯୋଗରେ ନିଜ ଗାଁରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱାଗତ କରାଯାଇଥିଲା। ସେମାନଙ୍କ ରହଣି, ଖାଦ୍ୟପାନୀୟ ବ୍ୟବସ୍ଥା ସହ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ରେଳ ଷ୍ଟେସନ ଅଣାଯାଇଥିଲା। ନୃତ୍ୟଗୀତ ମଧ୍ୟରେ ସମସ୍ତେ ଷ୍ଟେସନରେ ପ୍ରବେଶ କରିଥିଲା। ଆଇଆରସିଟିସି ପକ୍ଷରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରବେଶ ସ୍ଥଳରେ ସେମାନଙ୍କୁ ଯାତ୍ରାର ଟିକେଟ ଏବଂ ଆବଶ୍ୟକ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା। ଆଇଆରସିଟିସି ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କ ରହିବା, ଯିବା ଆସିବା, ଖାଦ୍ୟପାନୀୟରେ ବ୍ୟବସ୍ଥା ସହ ବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। ଏହି ଯାତ୍ରା ପାଇଁ ବାଲେଶ୍ୱର ରେଳ ଷ୍ଟେସନର ୧ନମ୍ବର ପ୍ଲାଟ ଫର୍ମରେ ଲାଗିଥିବା ସ୍ୱତନ୍ତ୍ର ତୀର୍ଥଯାତ୍ରା ରେଳ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ. ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ।

## ପତଞ୍ଜଳି ଯୋଗ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**ବ୍ୟାସନଗର, ୫।୧(ସମିସ):** ଶୁକ୍ରବାର ପତଞ୍ଜଳି ଯୋଗାନୁଷ୍ଠାନର ୩୦ତମ ପ୍ରତିଷ୍ଠା ଦିବସ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଯୋଗପ୍ରେମୀ ଯୋଗ ଦେଇଥିଲେ। ବରିଷ୍ଠ ସଂସ୍କୃତ ପଣ୍ଡିତ ଇନ୍ଦ୍ରମଣି କର ହୋମଯଜ୍ଞର ପୁରୋହିତ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ବରିଷ୍ଠ ଯୋଗପ୍ରେମୀ ଅଲେଖ ଯେନା ସଂକଳ୍ପ କରିଥିଲେ। ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା ଓ ସହପ୍ରଭାରୀ ବିଭୀଷଣ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ତହସିଲ ଶାଖାର ଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଯୋଗ ପ୍ରଭାରୀ ଅଧ୍ୟାପକ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ପାଦକ ସମରେନ୍ଦ୍ର ଜେନା, ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, କାର୍ଯ୍ୟାଳୟ ପ୍ରଭାରୀ ମହେଶ୍ୱର ପ୍ରଧାନ ହୋମଯଜ୍ଞର ଆୟୋଜନ କରିଥିଲେ। ରଶ୍ମୀରଞ୍ଜନ ରାଉତ ସମସ୍ତ ଯୋଗୀଙ୍କ ପାଇଁ ମିଷ୍ଟାନ୍ନ ଓ ଫଳାହାରର ବ୍ୟବସ୍ଥା କରିଥିଲେ। ବିଶ୍ୱଜିତ୍ ପରିଡ଼ା, ବିଜୟ କୁମାର ନାଥଶର୍ମା, ଦିଲ୍ଲୀପ କୁମାର ଦଳାଇ, ଶ୍ରୀଧର ବେହେରା, ସୁବଳ ସେନାପତି, ବିଜୟ କୁମାର ବେହେରା, ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଶିଶୁଯତ୍ନ ଗୃହରେ ସାମୂହିକ ଜନ୍ମୋତ୍ସବ



**ବାଲିଚନ୍ଦ୍ରପୁର, ୫।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର ଗ୍ରାମସ୍ଥ ବିଦ୍ୟା ଫାଉଣ୍ଡେସନ ଶିଶୁଯତ୍ନ ଗୃହର ଶିଶୁଙ୍କ ସାମୂହିକ ଜନ୍ମୋତ୍ସବ ଶପଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଓଳାଶୁଣୀଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗାଙ୍ଗୀପୀଠର ପୀଠାଧିଶ କୌସ୍ତୁଭ ବ୍ରହ୍ମଚାରୀ ଉଦଘାଟନ କରି ଶିଶୁଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ବିନ୍ଦୁମିତ୍ର ବଳ ଯୋଗଦେଇ ଏଭଳି ଏକ ମହନୀୟ କାର୍ଯ୍ୟ କରୁଥିବା ଶପଥ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇ କୁନି କୁନି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସାହିତ୍ୟିକ ଯତିନ୍ଦ୍ର କୁମାର ରାଉତ ଯୋଗଦେଇ କହିଲେ, ଏହି ପିଲାମାନେ ଭଲ ପାଠପଢ଼ି ଭଲ ମଣିଷ ହୋଇ ବାହାରିଲେ ଶିଶୁଯତ୍ନ ଗୃହର ସୁନାମ ବଜାୟ ହୋଇ ରହିବ। ଏଥିପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗର ଆବଶ୍ୟକତା ଉପରେ ଶ୍ରୀ ରାଉତ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କିନ୍ନର ସଂଘ ସଭାନେତ୍ରୀ ସୁଇଟ ସାହୁ ଯୋଗ ଦେଇଥିଲେ। ଏ ଅବସରରେ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କୁନି ପିଲାଙ୍କୁ ନୂତନ ପୋଷାକ ସହିତ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ସଭାପତି ସତ୍ୟାନନ୍ଦ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରିୟଗୋବିନ୍ଦ ଦାସ ମାନପତ୍ର ପାଠ କରିଥିବାବେଳେ କଣ୍ଠଶିଳ୍ପୀ ଅଜୟ କୁମାର ଜେନା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ନିତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୟ ମହାରଣା, ରାଜେଶ ଦାସ, ଭୂଦେବ ସେଠୀ, ରଞ୍ଜନ ଦାସ ଓ ପୁରୁଷୋତ୍ତମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜରେ ସାମାଜିକ ସଚେତନତା




**ବରୀ, ୫।୧(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ବହୁବିଧ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଦୁଇଦିନ ଧରି ସାମାଜିକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ପ୍ରଭାକର ଜେନାଙ୍କ ସମେତ ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ, ଦାମୋଦର ସାହୁ, ବରଦାପ୍ରସାଦ ସାହୁ, ହିମାଂଶୁ ଶେଖର ପ୍ରଧାନ, ବିଦ୍ୟାଧର ଧଳ, ନିରଞ୍ଜନ ଲେଙ୍କା, ଗଣିତ ଅଧ୍ୟାପିକା ନମିତା ସାମଲ, ଅଧ୍ୟାପିକା ଅନାମିକା ମିଶ୍ର, ସୁଶ୍ରୀସଙ୍ଗିତା ଜେନା, ସୁଧାଂଶୁବାଳା ସ୍ୱାଇଁ, ଅନାରକଲି ସାମଲ, ମଧୁସ୍ମିତା ରାଉତ, ଲିପିକା ନାୟକ, ପ୍ରୀତିପଦ୍ମା ଜେନା ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାଲିଆ ପଞ୍ଚାୟତକୁ ପରିଭ୍ରମଣ କରି ସଚେତନାତ୍ମକ ସ୍ଲୋଗାନ ଦେଇଥିଲେ।

## ମୋଟର ଆଇନକୁ ଡ୍ରାଇଭର ସଂଘର ବିରୋଧ

**ଯାଜପୁର, ୫।୧(ସମିସ):** ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ନୂତନ ମୋଟର ଆଇନକୁ ବିରୋଧ କରି ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ପ୍ରତିବାଦ ଜାରି ରହିଛି। ଗତକାଲିଠାରୁ ଡ୍ରାଇଭର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ନୂତନ ବିଲ୍ ଲାଗୁ ହେଲେ ଡ୍ରାଇଭର ନାନା ହଇରାଣ ହେବେ। ତେଣୁ କେନ୍ଦ୍ର ସରକାରଙ୍କ ନୂତନ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଆଜି ଯାଜପୁର ଜିଲ୍ଲାପାଳଙ୍କୁ ଡ୍ରାଇଭର ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୫।୧(ସମିସ):** ମଙ୍ଗଳପୁର-ଟମକା ରାସ୍ତାର କାଳିଆପାଣି ଶିବ ମନ୍ଦିର ସମ୍ମୁଖ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। କାଳିଆପାଣି ଥାନା ଅନ୍ତର୍ଗତ ବାମ୍ବିଲୋ ଗ୍ରାମର ଦିଲ୍ଲୀପ ପାତ୍ର ଖଣି ଅଞ୍ଚଳରୁ ବ୍ୟକ୍ତିଗତ କାର୍ଯ୍ୟ ସାରି ବାଇକ୍‌ରେ ଫେରୁଥିବା ସମୟରେ କାଳିଆପାଣି ଶିବ ମନ୍ଦିର ସମ୍ମୁଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଦିଲ୍ଲୀପଙ୍କ ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଦିଲୀପଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

## ଅକରପଡ଼ା ଓ ତଳିହାରେ ଧାନମଣ୍ଡି ଉଦ୍‌ଘାଟିତ

**ଦଶରଥପୁର, ୫।୧ (ସମିସ):** ଦଶରଥପୁର ବ୍ଲକ ଅକରପଡ଼ା ଓ ତଳିହା ପ୍ରାଥମିକ କୃଷି ସମବାୟ ସମିତିରେ ଜିଲ୍ଲାସ୍ତରୀୟ ପ୍ରଥମ ଧାନ ସଂଗ୍ରହ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଅକରପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ସନ୍ନିକଟ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଆଜିଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି ଧାନମଣ୍ଡି ଅଧୀନରେ ଥିବା ପଞ୍ଜିକୃତ ଚାଷୀ ସେମାନଙ୍କ ଧାନ ବିକ୍ରି କରି ୨୪ ଘଣ୍ଟା ମଧ୍ୟରେ ବିକ୍ରୟ ମୂଲ୍ୟ ପାଇପାରିବେ ବୋଲି ମତବ୍ୟକ୍ତ କରି ସରକାରଙ୍କ ବିଭିନ୍ନ କୃଷି ଯୋଜନା ଓ ସମବାୟ ବିକାଶ ଯୋଜନା ବିଷୟରେ ଆଲୋକପାତ କରିଥିଲେ।



ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ବିଡିଓ ଆକାଶ ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ୍ ଖାଁ, କ୍ଷେତ୍ରୀୟ ଅଧିକାରୀ ମଣିରଞ୍ଜନ ମିଶ୍ର, ଏସ୍‌ଆର୍‌ସିଏସ୍ ଦେବେନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଏଆର୍‌ସିଏସ୍ ଶରତ କୁମାର ମଲ୍ଲିକ, ଅକରପଡ଼ା ପ୍ୟାକ୍ସ ସଭାପତି ଲକ୍ଷ୍ମୀନାରାୟଣ ସୁନ୍ଦରାୟ, ଦଶରଥପୁର କୋ-ଅପରେଟିଭ୍ ବ୍ୟାଙ୍କ ପରିଚାଳକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ଧାର୍ଯ୍ୟମୂଲ୍ୟ ସହିତ ସ୍ୱଚ୍ଛତା ସହ ଧାନ ସଂଗ୍ରହ କରିବା ଉପରେ ପ୍ୟାକ୍ସ କର୍ମକର୍ତ୍ତା ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ। ଏ ପରିପ୍ରେକ୍ଷୀରେ ୪ ଜଣ ଅଗ୍ରଣୀ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ଚିତାଲୋ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ଅକରପଡ଼ା ସରପଞ୍ଚଙ୍କ ପ୍ରତିନିଧି ଅଶୋକ ନାୟକ, ଚିତାଲୋ ସମିତି ସଭ୍ୟାଙ୍କ ପ୍ରତିନିଧି ନିରଞ୍ଜନ ରାଉତ, ଚିତାଲୋ ସମିତିସଭ୍ୟ ବିଶ୍ୱଜିତ ରାୟ, ସମାଜସେବୀ ସୀତାକାନ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୫ ଶହ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଚାଷୀଙ୍କୁ ଅନୁମତି ରହିଥିବାବେଳେ ମହାବଳି ଓ ଆଶୀର୍ବାଦ ରାଇସ୍ ମିଲ ପକ୍ଷରୁ ଧାନ କ୍ରୟ କରାଯାଇଥିଲା।

ସେହିପରି ତଳିହା ପ୍ୟାକ୍ସ ପକ୍ଷରୁ ବିରଜାପୁର ପଞ୍ଚାୟତ ବରହଟାସ୍ଥ କୃଷି ମେଳା ପଡ଼ିଆରେ ଅନୁଷ୍ଠିତ ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଓ ଜିଲ୍ଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଅତିଥି ଭାବେ ଯୋଗଦେଇ ନଡ଼ିଆ ପିଟି ମଣ୍ଡିର ଶୁଭାରମ୍ଭ କରିଥିଲେ। ବିରଜାପୁର ସରପଞ୍ଚ ନିରାକାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଓ ବ୍ଲକ ପ୍ରଶାସନିକ ଅଧିକାରୀ, କୋ-ଅପରେଟିଭ୍ ବ୍ୟାଙ୍କ କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ।

## ୫୪ ଲିଟର ଦେଶୀମଦ ଜବତ, ୩ ଗିରଫ

**ବ୍ୟାସନଗର, ୫।୧(ସମିସ):** ଶୁକ୍ରବାର ୩ଟା ସମୟରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ କୋରେଇର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୫୪ ଲିଟର ଦେଶୀମଦ ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଯେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ନାରାୟଣ ବେହେରା କୋରେଇ ଥାନା ମାଲଦା, ଖାରଜବଟିରା ଓ ପାଣିକୋଇଲି ଥାନା ସୋଲପାଟିଆ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ୩ ଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ଆସୁଥିବା ଦେଖି ଗିରଫ କରିନେଇଥିଲେ। ଏହି ଗିରଫ ବ୍ୟକ୍ତିମାନେ ହେଲେ ସୋଲପାଟିଆ ଗାଁର ରାଜେନ୍ଦ୍ର ମଲ୍ଲିକ, ମାଲଦା ଗାଁର କସ୍ତିଆ ମଲ୍ଲିକ ଓ ଖାରଜବଟିରା ଗାଁର ପ୍ରତାପ ମଲ୍ଲିକ ବୋଲି ଜଣାପଡ଼ିଛି। ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ ପଣ୍ଡା, ଏସଆଇ କ୍ଷୀରୋଦ ସାହୁ, ଶୁଭସ୍ମିତା ପ୍ରଧାନ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ସାଲିଜଙ୍ଗା ଓ ନଡ଼ିଆଭଙ୍ଗାରେ ମହିଳା ବିଜେଡିର ବୈଠକ

**ଦାନଗଦି, ୫।୧(ସମିସ):** ଦାନଗଦି ବ୍ଲକରେ ମହିଳା ସଂଗଠନକୁ ସୁଦୃଢ଼ କରିବା ପାଇଁ ବିଜେଡି ଏବେ ଅଣ୍ଟା ଭିଡ଼ିଛି। ୨୩ଟି ପଞ୍ଚାୟତରେ ମହିଳାଙ୍କୁ ନେଇ ସାଂଗଠନିକ ବୈଠକ କରି ଦଳକୁ ସଜାଡ଼ିବାରେ ଲାଗିଛି। ଅପରାଜୟ ବିଜୁ ଜନତା ଦଳକୁ ଓଡ଼ିଶାରେ ଲଗାତର ଷଷ୍ଠ ଥର ସରକାର ଗଢ଼ିବା ପାଇଁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମହିଳା ବିଜେଡି କସରତ ଚଳାଇଛି। ଦାନଗଦି ବ୍ଲକ ସାଲିଜଙ୍ଗା ଓ ନଡିଆଭଙ୍ଗା ପଞ୍ଚାୟତର ମହିଳାଙ୍କୁ ନେଇ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଓ ମହିଳା ବିଜେଡି ସଭାପତି ସୁଚିତ୍ରା ବିଶ୍ୱାଳ ବୈଠକ କରୁଛନ୍ତି। ଲକ୍ଷ୍ୟ ପୁଣି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା। ସେହି ଲକ୍ଷ୍ୟ ନେଇ ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇଙ୍କ ମାର୍ଗଦର୍ଶନରେ ସାଲିଜଙ୍ଗା ଓ ନଡ଼ିଆଭଙ୍ଗା ପଞ୍ଚାୟତର ବିକାଶ ଓ ମହିଳାଙ୍କୁ ସଶକ୍ତ କରିବା ପଥରେ ମହିଳା ସଂଗଠନ ଅଗ୍ରଗତି କରୁଛି ବୋଲି ବ୍ଲକ ମହିଳା ସଭାପତି ସୁଚିତ୍ରା ବିଶ୍ୱାଳ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ରାଉତ, ନଡ଼ିଆଭଙ୍ଗା ସରପଞ୍ଚ ଓ ଶାଲିଜଙ୍ଗା ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ପାଣିକୋଇଲି ମହୋତ୍ସବ ଉଦ୍‌ଘାଟିତ



**ପାଣିକୋଇଲି, ୫।୧(ସମିସ):** ଆଜି ପାଣିକୋଇଲି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉକ୍ତ ମହୋତ୍ସବକୁ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାଂସଦ ଶର୍ମିଷ୍ଠା ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡ଼ାଇ, ପଥରପଦା ସମିତି ସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଦସ୍ୟ ପ୍ରମୋଦ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ତାରିଣୀ ପ୍ରସାଦ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବଦୁଲ ସୟଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପାଣିକୋଇଲିର ମା' ତାରିଣୀ ଭଜନ ସନ୍ଧ୍ୟାର କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭ୍ୟାନିଟି ଫେରାଇଲେ ଯୁବକ



**ପାଣିକୋଇଲି, ୫।୧(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମର ଅଜୟ କୁମାର ସାହୁଙ୍କ ପୁଅ ରାମ ପ୍ରକାଶ ସାହୁ ଯାଜପୁରରୋଡରୁ ଫେରୁଥିବାବେଳେ ଏକ ଭ୍ୟାନିଟି ପାଇଥିଲେ। ଉକ୍ତ ଭ୍ୟାନିରେ ୪ ହଜାର ଟଙ୍କା, ମୋବାଇଲ, ଆଇକାର୍ଡ ଥିଲା। ରାମ ପ୍ରକାଶ ଏହାକୁ ଦେଖି ଉକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ଯାଜପୁରରୋଡ ଡାକ ବିଭାଗରେ କାର୍ଯ୍ୟ କରୁଥିବା କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡ଼ବାନ୍ଧୋଗୋଡା ଗ୍ରାମର ମୋନାଲିସା ଜେନାଙ୍କ ଏହି ଭ୍ୟାନିଟି ଜାଣିବା ପରେ ତାଙ୍କୁ ଖବର ଦେଇଥିଲେ। ମୋନାଲିସା ପାଣିକୋଇଲିରେ ପହଞ୍ଚି ଉପଯୁକ୍ତ ପ୍ରମାଣ ଦେଇ ତାଙ୍କ ଭ୍ୟାନିଟି ନେଇଥିଲେ। ରାମ ପ୍ରକାଶଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ

# 'ମହୋତ୍ସବ ଅଞ୍ଚଳର ସାଂସ୍କୃତିକ ଚେତନାକୁ ଆଗେଇ ନିଏ'

**ଧର୍ମଶାଳା, ୫।୧(ସମିସ)**



ଧର୍ମଶାଳା ମହୋତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜାରକା ମହୋତ୍ସବ ପୂଜା କମିଟି ପକ୍ଷରୁ ୧୯ତମ ଧର୍ମଶାଳା ମହୋତ୍ସବ ଗତ ମାସ୨୫ ତାରିଖରେ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟାରେ ଉଦଯାପନ ଉତ୍ସବରେ ଖାଦ୍ୟ ଖାଉଟି କଲ୍ୟାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଦେଖିଛି, ମହୋତ୍ସବ ଦେଖିଛି ହେଲେ ଧର୍ମଶାଳା ମହୋତ୍ସବ ନିଆରା। ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି। ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା ପଛରେ ନାହିଁ। ମହୋତ୍ସବ ଅଞ୍ଚଳର ସାଂସ୍କୃତିକ ଚେତନାକୁ ଆଗେଇ ନିଏ। ଖାଲି ସାଂସ୍କୃତିକ ଭାବନା ନୁହେଁ, ଏହାର ବିକାଶ ପାଇଁ ସମସ୍ତେ ଏକାଠି ହୁଅନ୍ତୁ ଓ ଏହା ଅନ୍ୟ ମହୋତ୍ସବ ପାଇଁ ରୋଲ୍ ମଡେଲ ହେଉ ବୋଲି କହିଥିଲେ।

ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ଯାଜପୁର ମାଟି ଐତିହ୍ୟ ଓ ସଂସ୍କୃତିର ମାଟି। ବହୁତ ଉତ୍ସବ ଯେତେବେଳେ ସମ୍ମିଳିତ ହୁଏ, ମହୋତ୍ସବରେ ପରିଣତ ହୁଏ। ଭାଇଚାରାକୁ ସୁଦୃଢ଼ କରେ ମହୋତ୍ସବ। ସବୁ ମହୋତ୍ସବ ପଛରେ ସଂସ୍କୃତି ଓ ଚେତନା ରହିଛି। ଏଥିରୁ ଧର୍ମଶାଳା ବାଦ୍ ପଡ଼ିନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ବଳବନ୍ତରାୟ ଯୋଗଦେଇ ଜିଲ୍ଲା ଓ ରାଜ୍ୟରେ ସବୁଆଡ଼େ ଉତ୍ସବ ହେଉଛି। କିନ୍ତୁ ଧର୍ମଶାଳା ମହୋତ୍ସବ ନିଆରା। ପ୍ରତ୍ୟେକ ଉତ୍ସବକୁ ମହୋତ୍ସବରେ ପରିଣତ କରିବା ଶକ୍ତି ରହିଛି ଧର୍ମଶାଳାବାସୀଙ୍କ। ମହୋତ୍ସବ ସରସ ସୁନ୍ଦର ପାଇଁ ଧର୍ମଶାଳାବାସୀଙ୍କୁ ଶ୍ରେୟ ଦେଇଥିଲେ।

କମିଟିର ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ଇନ୍ଦ୍ରମଣି ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ପାଠ କରିଥିଲେ। ଏ ଅବସରରେ ସାହିତ୍ୟିକ ଭୀମ ପୃଷ୍ଟି, ସାମ୍ବାଦିକ ଗୁଲାମ ଗସ, ସୀତାକାନ୍ତ ସାମଲ, କୃଷକ ଅମୂଲ୍ୟ କୁମାର ରାଉତ ପ୍ରମୁଖଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ବିଦ୍ୟାଳୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ କପ୍ ପ୍ରଦାନ କରାଯାଇଥିଲା। ଶେଷରେ କ୍ଷୀରୋଦ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆଜି ଶେଷ ସନ୍ଧ୍ୟାର ଆକର୍ଷଣ ଦେବ ଡ୍ୟାନ୍ସ ଜାରକା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଗଣପର୍ବରେ ସାମିଲ ହୋଇ ମଉଜ ମଜଲିସ କରିବା ଓ ଘରକରଣା ଜିନିଷ ସହ ଅନ୍ୟାନ୍ୟ ସୌଖିନ ସାମଗ୍ରୀ କିଣିବା ପାଇଁ ପୁଣି ବର୍ଷଟିଏ ଅପେକ୍ଷା କରିବା ପଡ଼ିବ। ଏ ନେଇ ଆଜି ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ଥିଲା ପଡ଼ିଆ। ଅପରାହ୍ନ ୩ଟାରୁ ଲୋକଙ୍କ ଯା'ଆସ ଚାଲିଥିଲା। ଶେଷ ଦିନ ଥିବାରୁ ଲୋକମାନେ ବିଭିନ୍ନ ଦୋକାନରେ ଶସ୍ତାରେ ପାଇବା ପାଇଁ ମୁଲଚାଲ କରୁଥିବା ଦେଖିବାକୁ ମିଳିଥିଲା।

# ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ



**ଯାଜପୁର, ୫ ।୧(ସମିସ):** ଆଜି ପୂର୍ବାହ୍ନରେ ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ୧।୧।୨୦୨୪କୁ ୧୮ ବର୍ଷ ବୟସ ସୂଚାଙ୍କ ଧରାଯାଇ ଯୋଗ୍ୟ ଭୋଟରଙ୍କ ସମେତ ଆଜି ୫।୧।୨୦୨୪ରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲାର ବିଧାନସଭା ନିର୍ବାଚନ ମଣ୍ଡଳୀ ୪୮- ବିଂଝାରପୁର (ଅନୁସୂଚିତ ଜାତି), ୪୯- ବରୀ, ୫୦- ବଡ଼ଚଣା, ୫୧- ଧର୍ମଶାଳା, ୫୨- ଯାଜପୁର, ୫୩- କୋରେଇ ଓ ୫୪- ସୁକିନ୍ଦା ଏଭଳି ୭ଟି ନିର୍ବାଚନ ମଣ୍ଡଳୀକୁ ନେଇ ମୋଟ ୧୫ ଲକ୍ଷ ୩୦ ହଜାର ୨୪୦ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି ବୋଲି ଭୋଟର ପଞ୍ଜୀକରଣ ଅଧିକାରୀ ଗୋପୀନାଥ କୁଅଁର ପ୍ରକାଶ କରିଛନ୍ତି।

# ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ନାଟକ 'କୁହୁଡ଼ି ବସା' ମଞ୍ଚସ୍ଥ

**ଦଶରଥପୁର, ୫।୧ (ସମିସ):** ଦଶରଥପୁର ବ୍ଲକ ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ 'ନୂଆ- ଓ' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା 'କୁହୁଡ଼ି ବସା' ନାଟକ ମଞ୍ଚସ୍ଥ ହୋଇଛି। ନାଟକ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନାଟକ ମଞ୍ଚ ଉଦ୍‌ଘାଟନ କରିଥିଲେ। ପିତାମାତାଙ୍କ ପ୍ରତି ଉଚ୍ଚଶିକ୍ଷିତ ଯୁବ ସମାଜ କର୍ତ୍ତବ୍ୟ ଭୁଲି କିପରି ଅବହେଳା ପ୍ରଦର୍ଶନ କରୁଛନ୍ତି, ତାହା ମଞ୍ଚସ୍ଥ ନାଟକ କୁହୁଡ଼ି ବସାର ବିଷୟବସ୍ତୁ ଥିଲା। ଅର୍ଥନୀତି ବିଭାଗ ଅଧ୍ୟାପକ ସତ୍ୟରଞ୍ଜନ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକର ଉପଦେଷ୍ଟା ପ୍ରାଧ୍ୟାପକ ଉଜ୍ଜ୍ୱଳକାନ୍ତ ଦାସ, ରବିନାରାୟଣ ଦାସ ରହିଥିବାବେଳେ ପ୍ରାଧ୍ୟାପକ ସୁକାନ୍ତ ପାତ୍ରୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ, ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଜ୍ୟୋତି, ଅରୋସ୍ମିତା, ରାହୁଲ, ସ୍ମିତା, ବିଶ୍ୱଜିତ୍, ସଞ୍ଜୟ, ଆଶୁତୋଷଙ୍କ ସମେତ ଅନ୍ୟମାନେ ନାଟକ ପରିବେଷଣ କରିଥିଲେ।

# ରାମମନ୍ଦିର ଅକ୍ଷତକୁ ସ୍ୱାଗତ



**ଶଙ୍ଖଚିଲା, ୫ ।୧(ସମିସ):** ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ନିର୍ମାଣଧୀନ ଭବ୍ୟ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସନାତନଧର୍ମୀ ଜନମାନସକୁ ନିମନ୍ତ୍ରଣ କରିବା ପାଇଁ ଆସିଥିବା ପବିତ୍ର ଅକ୍ଷତ କଳସକୁ କୋରେଇର ବିଭିନ୍ନ ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଛି। ଜହ୍ନା ପଞ୍ଚାୟତରେ ହନୁମାନ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରାଯାଇ ଘଣ୍ଟ ଓ କୀର୍ତ୍ତନ ସହ ଗାଁ ପରିକ୍ରମା କରାଯାଇଥିଲା। ଏଥିରେ ବିଶ୍ୱଜିତ ନାୟକ, ବିକ୍ରମ ବିଶ୍ୱାଳ, ଅମୀୟ ବିଶ୍ୱାଳ, ସଦାନନ୍ଦ ବେହେରା, ପ୍ରଭାସ ବେହେରା, ଦେବେନ୍ଦ୍ର ପାତ୍ରୀ, ବସନ୍ତ ନାୟକ, ରାଜୀବ ରାଉତ, ଦିଲ୍ଲୀପ ବିଶ୍ୱାଳ, ବିଦ୍ୟାଧର ସାହୁ, ପପୁନା ସାହୁ, ଜଡ଼ା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅସନଝର ପଞ୍ଚାୟତର ରଘୁପୁର ଗ୍ରାମ ପରିକ୍ରମା କରି ରଘୁନାଥଜୀଉ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅକ୍ଷତ କଳସକୁ ସେଠାରୁ ଅସନଝର, ରଣପୁର, କନ୍ତର, ଗୌରପୁର, କାଚରାସାହିର ପ୍ରତିନିଧି ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବନେତା ବିକ୍ରମ ବିଶ୍ୱାଳ, ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ବଜରଙ୍ଗ ଦଳର ଭୂପତି ଭୂଷଣ ଦାସ, ବଙ୍ଗନ ଖିଲାର, ହୃଷିକେଶ ସାହୁ, ଅମ୍ଲାନ ସାହୁ ଓ ସୁଜିତ ସ୍ୱାଇଁ, ପ୍ରଭଞ୍ଜନ ଦାସ, ସୁରେଶ ବେହେରା, ପ୍ରହଲ୍ଲାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ। ଧନେଶ୍ୱର ଗାଁରେ ଠାକୁରବାଡିରୁ ପୂଜାର୍ଚ୍ଚନା କରି ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଘରେ ଅକ୍ଷତ, ପ୍ରଭୁ ଶ୍ରୀରାମଙ୍କ ଫଟୋ, ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ସାରସ ଦାସ, ସଞ୍ଜୟ ବାରିକ, ଲକ୍ଷଣ ସେଠୀ, ରାଜେଶ ନାୟକ, ରବୀନ୍ଦ୍ର ମହାନ୍ତି, ସତ୍ୟବ୍ରତ ଦାସ, ଉଦ୍ଧବ ମଲ୍ଲିକ, ନନ୍ଦକିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନା

# କୋଭିଡ୍‌ରେ ବାପାମାଆ ଛେଉଣ୍ଡଙ୍କୁ ମିଳୁଛି ଫାଇଦା

**ଯାଜପୁର, ୫ ।୧(ସମିସ)**

କୋଭିଡ୍ ମହାମାରୀ ସମୟରେ ଅନେକ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ପରଲୋକ ହୋଇଥିଲା। ଫଳରେ ସେମାନଙ୍କ ସନ୍ତାନଙ୍କ ଲାଳନପାଳନ ନେଇ ସମସ୍ୟା ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଶୀର୍ବାଦ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅନୁଯାୟୀ ୧।୪।୨୦୨୦ରୁ ୧୫।୯।୨୦୨୧ ମଧ୍ୟରେ ଯଦି କୌଣସି ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଥାଏ, ତା'ହେଲେ ତାଙ୍କ ସନ୍ତାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏପରିକି ଆବଶ୍ୟକ ସ୍ଥଳେ ବିଭିନ୍ନ ଶିଶୁ ପରିଚର୍ଯ୍ୟା କେନ୍ଦ୍ରରେ ରଖାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଶୀର୍ବାଦ ଯୋଜନାରେ ଜିଲ୍ଲାରେ ମୋଟ ୧୭୭୩ ଜଣ ହିତାଧିକାରୀ ଥିବା ଜଣାପଡ଼ିଛି।

ରସୁଲପୁର ବ୍ଲକ ମୁଗୁପାଳ ଗ୍ରାମର ପ୍ରଶାନ୍ତ ଗୁରୁଙ୍କ ୨୮।୯।୨୦୨୦ରେ କୋଭିଡ୍‌ରେ ମୃତ୍ୟୁ ହୋଇଥିଲା। ସେତେବେଳେ ସେ ପରିବାରର ଏକମାତ୍ର ରୋଜାଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଏଭଳି ଅକାଳ ମୃତ୍ୟୁକୁ ନେଇ ପୂରା ପରିବାର ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ତାଙ୍କ ବଡ଼ ଝିଅ ବରୁହାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲେ ଓ ପୁଅ ରସୁଲପୁରର ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ୫ ଶ୍ରେଣୀରେ ପାଠ ପଢୁଥିଲେ। ପ୍ରଶାନ୍ତଙ୍କ ଏଭଳି ଅକାଳ ବିୟୋଗ ପରେ ତାଙ୍କ ପାଖରେ ଥିବା ଅଳ୍ପ କିଛି ଜମି ଜାତୀୟ ରାଜପଥ ସମ୍ପ୍ରସାରଣରେ ଅଧିଗ୍ରହଣ ପାଇଁ ନୋଟିସ ପାଇଲେ। ଘରଦ୍ୱାର ଚାଲିଯିବା ପରେ ପରିବାର ଲୋକେ କିପରି ଚଳିବେ, ତାକୁ ନେଇ ଚିନ୍ତାରେ ଥିଲେ। ଏପରିକି ପିଲାଙ୍କ ପାଠପଢ଼ା ସମ୍ଭବ ହେବନାହିଁ ଭାବି ନେଇଥିଲେ। ପରେ ଏହି ପରିବାରକୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଇଥିଲା। ଏପରିକି ପ୍ରଶାନ୍ତଙ୍କ ପତ୍ନୀଙ୍କୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଧୀନରେ ନିଯୁକ୍ତି ଦିଆଯାଇଥିଲା। ଏବେ ସମସ୍ତେ ଖୁସିରେ ଦିନ କାଟୁଛନ୍ତି।

କେବଳ ଆଶୀର୍ବାଦ ଯୋଜନାରେ ଏହି ଗୋଟିଏ ଉଦାହରଣ ନୁହେଁ ଯାଜପୁର ଜିଲ୍ଲାରେ ମୋଟ ୧୯୩୪ ଜଣ ସାମିଲ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରେ କେତେକ ଆବଶ୍ୟକ କାଗଜପତ୍ର ଦେଇ ନ ପାରିବାରୁ ସେମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ଯାଜପୁର ଜିଲ୍ଲାରେ ମୋଟ ୧୭୭୩ ଜଣ ଆକ୍ଟିଭ ହିତାଧିକାରୀ ଅଛନ୍ତି। ଯେଉଁ ପିଲାଙ୍କ ଜଣେ ରୋଜଗାରକ୍ଷମ ବାପା କିମ୍ବା ମାଆଙ୍କ ମୃତ୍ୟୁ ହୋଇଥିଲେ, ଏହି ଯୋଜନାରେ ମାସିକ ୧୫୦୦ ଟଙ୍କା କିମ୍ବା ଉଭୟ ରୋଜଗାରକ୍ଷମ ପିତାମାତାଙ୍କ ମୃତ୍ୟୁ ହୋଇଥିଲେ ମାସିକ ୨୫୦୦ ଟଙ୍କା ଭତ୍ତାର ବ୍ୟବସ୍ଥା ରହିଛି। ବିଶେଷକରି ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ ଅନେକ ହିତାଧିକାରୀ ଅଛନ୍ତି, ଯେଉଁମାନେ ଅନଲାଇନ ମାଧ୍ୟମରେ ଆବେଦନ କଲେ ଆଶୀର୍ବାଦ ଯୋଜନାରେ ସାମିଲ ହୋଇପାରିବେ ବୋଲି ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ଆବେଦନକାରୀ ଅନଲାଇନ ମାଧ୍ୟମରେ ଆଶୀର୍ବାଦ ଯୋଜନା ପାଇଁ ଆବେଦନ କରିବା ପରେ ସିଡିପିଓଙ୍କ ନିକଟରେ ନିଜର ଡକ୍ୟୁମେଣ୍ଟ ଡିପୋଜିଟ୍ କରିବେ। ଯେଉଁମାନେ ଏପର୍ଯ୍ୟନ୍ତ ଏହି ଯୋଜନାରେ ଆବେଦନ କରିନାହାନ୍ତି, ସେମାନେ ତୁରନ୍ତ ଆବେଦନ କରି ଏହି ଯୋଜନାର ଲାଭ ଉଠାଇବାକୁ ଜିଲ୍ଲାପାଳ ଶ୍ରୀ ରାଠୋର ନିବେଦନ କରିଛନ୍ତି।



# ୪୨ କୋଟି ୯୩ ଲକ୍ଷ ଟଙ୍କାର ୭ଟି ପ୍ରକଳ୍ପର ଶିଳାନ୍ୟାସ



**ଧର୍ମଶାଳା, ୫ ।୧(ସମିସ)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪୨ କୋଟି ୯୩ ଲକ୍ଷ ଟଙ୍କାର ୭ଟି ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଥିଲେ।

କ୍ଷେତ୍ରପାଳଠାରୁ ଏକ୍ସପ୍ରେସ ହାଇୱେ ଭାୟା ଶ୍ରୀରାମପୁର ଓ ବ୍ରହ୍ମପୁର ୩ କୋଟି ୫୩ ଲକ୍ଷ, ନରସିଂହପୁର ଭାୟା- ପିପିଲିଡିହ ଓ କଣ୍ଟିଗାଡିଆ ୭ କୋଟି ୮୧ ଲକ୍ଷ, ରମାପୁରଠାରୁ ପଟିଲୋ ଭାୟା- ଭଗବାନପୁର ଘେରିବନ୍ଧ, ସାନରାଏପଡ଼ା ଓ ଅଲାରପୁର ୭ କୋଟି ୧୧ ଲକ୍ଷ, ଅଚ୍ୟୁତପୁରଠାରୁ ବଡବାରିସାହି ୧୨ କୋଟି ୧ ଲକ୍ଷ, ସୁନାରୀଠାରୁ ସେପୁର ଭାୟା-ଚକ୍ରୋଡା ୪ କୋଟି ୬୩ ଲକ୍ଷ, ରାଜସ୍ୱ ଅଫିସ ଚୋରମୁହାଁ ୧ କୋଟି ୪୩ ଲକ୍ଷ, ବରକୋଳିପାଟଣା ଆରଡି ରୋଡଠାରୁ ନଠୁଆବର ଭାୟା- କାସରା, କୋରକୋରା ଛକ, କୃଷ୍ଣପଡ଼ା, କପାଳି ଓ ସବର ସାହି ୬ କୋଟି ୪୧ ଲକ୍ଷ ଟଙ୍କାର ଏହି ୭ଟି ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ଓ ସମସ୍ତ ଜୋନର ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ/ ସଭ୍ୟା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ ଓ ସହକାରୀ ଯନ୍ତ୍ରୀ ଜଳନ୍ଧର ବେହେରା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଲେଙ୍କା, ଭୀମସେନ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# କୁଆଖିଆ ମହୋତ୍ସବ ଉଦ୍‌ଯାପିତ



**କୁଆଖିଆ, ୫ ।୧(ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ କୁଆଖିଆ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସ୍ଥାୟୀ ଅଧ୍ୟକ୍ଷ ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ମହାପାତ୍ର, ମୁଖ୍ୟବକ୍ତା ସାଂସଦ ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାଶ ଯୋଗଦେଇ ମହୋତ୍ସବର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ କାଳନ୍ଦୀ ଚରଣ କଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମିଟିର ସଭାପତି ରାକେଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାନ୍ତି କମିଟିର ଆବାହକ ତଥା ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ମହୋତ୍ସବ କମିଟି ସମ୍ପାଦକ ଅରୁଣ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବୈଦେହ୍ରନାଥ ସାହୁ, ବାସୁଦେବ ପଲେଇ, ବାସୁଦେବ ପଣ୍ଡାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଖରସ୍ରୋତା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷଙ୍କ ଦେହାନ୍ତ

**ସିଂହପୁର, ୫ ।୧(ସମିସ)**



ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ କେଶବ ଚନ୍ଦ୍ର ରାଉତରାୟଙ୍କ ଗତକାଲି ପରଲୋକ ହୋଇଯାଇଛି। ଖରସ୍ରୋତା ମହାବିଦ୍ୟାଳୟ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ପରଲୋକରେ ବିଂଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଅମାୟିକ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଗଳ୍ପ, ଉପନ୍ୟାସ, ନାଟକ ଓ ବିଭିନ୍ନ ପୁସ୍ତକ ରଚନା କରିଯାଇଛନ୍ତି। ତାଙ୍କ ବିୟୋଗ କଲେଜ ପାଇଁ ଅପୂରଣୀୟ କ୍ଷତି ବୋଲି ଆଜି ଶୋକସଭାରେ ଅଧ୍ୟାପକ ମତବ୍ୟକ୍ତ କରିଥିଲେ। ଷ୍ଟାଫ୍ ଆସୋସିଏସନର ସମ୍ପାଦକ ପ୍ରଣୟ ଥାଟୋଇଙ୍କ ଆହ୍ୱାନ କ୍ରମେ ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ଜେନାଙ୍କ ସଭାପତିତ୍ୱରେ ଶୋକସଭାରେ ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଅଧ୍ୟାପକ ମିହିର ରାଉତ, ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ସ୍ୱର୍ଗତ ରାଉତରାୟଙ୍କ ବିୟୋଗରେ ବାଚସ୍ପତି ପ୍ରମିଳା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, କଲେଜ ପରିଚାଳନା ସଭାପତି ପ୍ରମୋଦ ସାହୁ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ ଶୋକବ୍ୟକ୍ତ କରିଛନ୍ତି। ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାୟୀ ସଭାପତି ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ଶୋକସଭାରେ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଉପଦେଷ୍ଟା ଉପେନ୍ଦ୍ର ନାଥ ଧଳ, ନିରଞ୍ଜନ ଦାସ, ଘନଶ୍ୟାମ ଦାସ, କଳାକର ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଥାଟୋଇ, ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍

# ଜିମ୍‌ଖାନାକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

**ଯାଜପୁର, ୫ ।୧(ସମିସ)**



ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ୍ ମିଳିତ ଆନୁକୂଲ୍ୟରେ ଯାଜପୁର ବ୍ଲକ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଅଷ୍ଟମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଜିମ୍‌ଖାନା ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗିରିଜା ବାରିକ ୫୧ ରନ୍, ଅଭିନାଶ ନାୟକ ୩୦ ରନ୍ ସଂଗ୍ରହ କରିଥିଲେ। ଜିମ୍‌ଖାନାର ଗୋବିନ୍ଦ ତାଣ୍ଡିଆ ୨ଟି ଓ ଅଙ୍କିତ ମହାନ୍ତି ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜିମ୍‌ଖାନା ୧୯.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୮୫ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟର ବିଶ୍ୱଜିତ ୪ଟି ଓ ପ୍ରଦୀପ୍ତ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଗିରିଜା ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ହରପାର୍ବତୀ ଛକର ଶ୍ରୀଜୟ ଆଣ୍ଡ ପାର୍ଟି ପୁରସ୍କୃତ କରିଥିଲେ। ଉକ୍ତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ଆଣ୍ଡ ପାର୍ଟିର ବରିଷ୍ଠ ସଦସ୍ୟ ସନ୍ତୋଷ ମହଲା, ନୀଳମଣି ପରିଡ଼ା, ରବୀନ୍ଦ୍ର ଭୋଇ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର, ଜ୍ଞାନ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ସ୍ୱସ୍ତିକ ପହି ଓ ଏସ୍‌କେ କାଶିଫ୍ ଅଲ୍ଲୀ ସ୍କୋରର ଥିଲେ।

# ଝରକା ଗ୍ରୀଲ୍ ଭାଙ୍ଗି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

**ସୁକିନ୍ଦା, ୫ ।୧ (ସମିସ):** ଗୁରୁବାର ରାତିରେ ଜାମୁପଶି ଗ୍ରାମର ରତ୍ନାକର ସାହୁଙ୍କ ଘରୁ କେହି ଦୁର୍ବୃତ୍ତ ଝରକା ଗ୍ରୀଲ ଭାଙ୍ଗି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ପଲବା ପଞ୍ଚାୟତ ଅଧୀନ ଜାମୁପଶୀ ଗ୍ରାମ ଏବେ ଲୁଟେରାଙ୍କ ଚରାଭୁଇଁ ପାଲଟିଛି। ଗୁରୁବାର ରତ୍ନାକର ସାହୁ ଓ ତାଙ୍କ ପତ୍ନୀ ଘରେ ଥିଲେ। ଦୁଇ ପୁଅବୋହୂ ନ ଥିଲେ। ଏହି ସୁଯୋଗରେ କେହି ଦୁର୍ବୃତ୍ତ ରତ୍ନାକର ସାହୁଙ୍କ ପୁଅ ରୁମ୍ ଝରକା ଗ୍ରୀଲ ତାଡ଼ି ଭିତରେ ପଶି ଆଲମିରା ଖୋଲି ସୁନା ଅଳଙ୍କାର ସହ ଶାଢ଼ୀ ଓ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ରତ୍ନାକର ସୁକିନ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଜାରି ରଖିଛି। ସେହି ଗ୍ରାମରେ ଗତ କିଛିଦିନ ଭିତରେ ୫୦ରୁ ଅଧିକ ଲୁଟ୍ ଘଟଣା ଘଟିଥିବା ଦେଖାଦେଇଛି।

### ମହାବୀର ନଗରରେ ଜଳାଶୟ ପୋତି ଜବରଦଖଲ ଉଦ୍ୟମ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ସ୍ଥାନୀୟ ବାସିନ୍ଦା

**ଯାଜପୁର, ୫ ।୧ (ସମିସ)**



ଯାଜପୁର ସହର ମନସାପୋଲ ନିକଟସ୍ଥ ୟୁନିଟ୍ ୧୮ ନମ୍ବର ମହାବୀର ନଗରର ଜଣେ ବ୍ୟକ୍ତି ତାଙ୍କ ଘରବାରୀ କିସମ ଥିବା ଜମି ପଛପଟ ଜଳାଶୟକୁ ପୋତି ଜବରଦଖଲ କରିବା ସହିତ କିସମ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରୁଛନ୍ତି। ଫଳରେ ବର୍ଷା ଋତୁରେ ବର୍ଷାଜଳ ନିଷ୍କାସନ ନେଇ ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନକୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ, ୟୁନିଟ୍ ୧୮ର ମହାବୀର ନଗର ଆଙ୍କୁଲା ମୌଜାର ଖାତା ନଂ ୮୫୯/୩୫୪ ଖସଡା ନଂ ୩୧୫୬ ଏ୦.୪୧ଡି ଜଳାଶୟ ଜମି ରହିଛି। ଏହି ଜଳାଶୟ ଦେଇ ବର୍ଷାଜଳ ପ୍ରବେଶ ଓ ନିଷ୍କାସନ ହେଉଥିବାବେଳେ ଏହାକୁ ପୋତିଦେଲେ ବର୍ଷା ଋତୁରେ ବର୍ଷାଜଳ ନିଷ୍କାସନ ହୋଇପାରିବନାହିଁ। ଏହି ଜଳାଶୟକୁ ଉପାଲି ଅପରାଜିତ, ଲୋପାମୁଦ୍ରା ମହାନ୍ତି, ଚୈତନ୍ୟଚରଣ ସାହୁ, ଜିତେନ୍ଦ୍ର କୁମାର ମହାପାତ୍ର, ସଞ୍ଜିବ କୁମାର ପଣ୍ଡା, ହେରମ୍ବ ନାରାୟଣ ପଣ୍ଡା ଓ ପ୍ରଦୀପ କୁମାର କର ପ୍ରମୁଖ କିଛିବର୍ଷ ତଳେ ଜଣେ ବ୍ୟକ୍ତିଙ୍କଠାରୁ କ୍ରୟ କରିଥିଲେ। ଏହି ବ୍ୟକ୍ତିଙ୍କ ସ୍ଥିତିବାନ ଓ ପତିତ ଜମି ଉତ୍ତର ଦିଗକୁ ଥିବାବେଳେ ଦକ୍ଷିଣ ପଟରେ ଥିବା ଜଳାଶୟକୁ ପୋତି ସେମାନଙ୍କ ଘରବାରୀ ଜମି ସହ ସମାନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

ଇତିମଧ୍ୟରେ ଉମେଶ ଚନ୍ଦ୍ର କରଙ୍କ ପତ୍ନୀ ଅନ୍ନପୂର୍ଣ୍ଣା କରଙ୍କ ନାମରେ ଘରବାରୀ ପ୍ଲଟ୍ ନଂ ୩୧୫୨ ହୋଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଜଳାଶୟକୁ ମାଟି ଓ ରାବିସ୍ ପକାଇ ପୋତୁଥିବା ଦେଖିବାକୁ ମିଳିଛି। ମହାବୀର ନଗରର ବାସିନ୍ଦା ଉପଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରି ଜଳାଶୟକୁ ପୋତି ଦେଉଥିବା ଜଣାଇବା ସହ ବର୍ଷାଦିନେ ସମସ୍ତ ବର୍ଷାଜଳ ମହାବୀର ନଗରରେ ବସବାସ କରୁଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାରକୁ ଜଳବନ୍ଦୀ କରିବ ବୋଲି ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଜଳାଶୟକୁ ପୋତୁଥିବା ବିଷୟରେ ସ୍ଥାନୀୟ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳଙ୍କୁ ପଚାରିବାରୁ ତାଙ୍କ ପାଖରେ ଏଭଳି କୌଣସି ଅଭିଯୋଗ ହୋଇ ନ ଥିବା କହିବା ସହ ଆଗାମୀ ଦିନରେ ସରଜମିନ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ସରକାରୀ କିସମ ଜମିର ସୁରକ୍ଷା କରା ନ ଗଲେ, ଆଗାମୀ ଦିନରେ ଏହା ଜବରଦଖଲକାରୀଙ୍କ କବଜାକୁ ଚାଲିଯିବ ବୋଲି ଚର୍ଚ୍ଚା ହେଉଛି।

**ବର୍ଷାଦିନେ ସୃଷ୍ଟି ହୋଇପାରେ ଜଳ ନିଷ୍କାସନ ସମସ୍ୟା**

# ମାତୃ ସଦନରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ




**ଯାଜପୁର, ୫ ।୧(ସମିସ):** ସାରା ବିଶ୍ୱରେ ପରିବାର ଗଢ଼ିଉଠୁଛି। ଏହାର କେନ୍ଦ୍ରରେ ଶ୍ରୀଅରବିନ୍ଦ ଓ ଶ୍ରୀମା ହେଉଛନ୍ତି ଅତି ମାନସର ମହାଯୋଗୀ। ସମସ୍ତ ବସ୍ତୁର ଉତ୍ସ ହେଉଛି ମା'। ସମୟର ପରିବର୍ତ୍ତନ ହୋଇଚାଲିଛି। ମଣିଷଙ୍କୁ ଊର୍ଦ୍ଧ୍ୱରେ ନେବା ପାଇଁ ମା' ଧରାଧାମକୁ ଆସିଛନ୍ତି ବୋଲି ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଯାଜପୁର ମାତୃ ସଦନରେ ଅନୁଷ୍ଠିତ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୨୯ତମ ସମାରୋହରେ ଶିକ୍ଷାବିତ ରବିପ୍ରସାଦ ସାମଲ ଅଧ୍ୟକ୍ଷତା କରିଥିଲେ। କଟକ ମାତୃ ଭବନର ପ୍ରସାଦ ତ୍ରିପାଠୀ ଯୋଗଦେଇ ଅହଂକାରମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳୁପଡ଼ା ଘାଟର ସଞ୍ଜୟ କୁମାର ମହାପାତ୍ର, ଡଃ ଗୋଲଖ ବିହାରୀ ସାହୁ, ଅଧ୍ୟାପକ ଡଃ ଚତୁର୍ଭୁଜ ସାହୁ ପ୍ରମୁଖ ଯୋଗଦେଇ ପ୍ରାର୍ଥନାର ଶକ୍ତି ଉପରେ ଆଲୋକପାତ କରିବା ସହିତ ଶ୍ରୀଅରବିନ୍ଦଙ୍କ ଯୋଗ ସମସ୍ତ ପରମ୍ପରାର ଊର୍ଦ୍ଧ୍ୱରେ ସୂଚନା ଦେଇ ଅତିମାନସ ଶକ୍ତି ହେଉଛି ବିଜ୍ଞାନ, ପ୍ରଜ୍ଞାନ, ସଂଜ୍ଞାନର ଅବସ୍ଥା। ବିଶ୍ୱରେ ଅତିମାନସ ଶକ୍ତି କାମ କରୁଛି ବୋଲି ପ୍ରକାଶ କରିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଗୀତିକା ପରିବେଷଣ, ବିଷ୍ଣୁପ୍ରିୟା ଅପା ଦୁର୍ଗା ସ୍ତୋତ୍ର ପାଠ, ଆନନ୍ଦ ଭାଇ ସାବିତ୍ରୀ ଆବୃତ୍ତି କରିଥିଲେ। କହ୍ନେଇ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂର୍ଯ୍ୟକାନ୍ତ ମହାରଣା ମାତୃ ବନ୍ଦନା ଗାନ କରିଥିଲେ।

